

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୬ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 26 JANUARY 2021
Vol.No. 31 ■ No. 25 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧




ବନ୍ଦେ ମାତରମ୍

॥ ଅଭିନନ୍ଦନ ॥
ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଧ୍ୱନି ପ୍ରତିଧ୍ୱନିର ଅଗଣିତ ପାଠକ/ପାଠିକା, ଲେଖକ/ଲେଖିକା, ବିଜ୍ଞାପନଦାତା ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଓ ଅଭିନନ୍ଦନ
- ଧ୍ୱନି ପ୍ରତିଧ୍ୱନି ପରିବାର

# କରୋନା କାଳରେ ଧନୀଙ୍କ ବଢ଼ିଲା ଧନ

## ୩୫ ପ୍ରତିଶତ ବଢ଼ିଲା ଭାରତର ୧୧ ଜଣ ବଡ଼ ପୁଞ୍ଜିପତିଙ୍କ ସମ୍ପତ୍ତି



ନୂଆଦିଲ୍ଲୀ,୨୫।୦୧ (ନି.ପ୍ର): କରୋନା ପାଇଁ ଦେଶରେ ଲକଡାଉନ ଘୋଷଣା ହେବା ପରେ ସାରା ଦେଶରେ ରାସ୍ତାରେ ଚାଲୁଥିବା ଶ୍ରମିକଙ୍କ କରୁଣ ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଦେଲା । ପିଲାଛୁଆଙ୍କୁ ଧରି ଶହ ଶହ କିଲୋମିଟର ଚାଲିଲେ ଦାଦନ ଶ୍ରମିକ । ଏହି ଦୃଶ୍ୟ ସେତେବେଳେ ସାରା ବିଶ୍ୱରେ ଭାରତର ଶ୍ରମିକ ବର୍ଗର ପ୍ରକୃତ କାହାଣୀକୁ ସାମ୍ନାକୁ ଆଣିଥିଲା । ଆଉ କରୋନା ପରେ ପ୍ରଥମଥର ପାଇଁ ଅକ୍ସଫାମ ତାହାର ରିପୋର୍ଟ ରିଲିଜ କରିଛି । ଆଉ ଏହି ରିପୋର୍ଟ ଯାହା କହିଛି ତାହା ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ । ଲକଡାଉନ୍ ହେତୁ ଗରିବ ରୋଜଗାରର ମାଧ୍ୟମ ହରାଇ ବସିଲା ଆଉ ମଧ୍ୟବିତ୍ତର ଚାକିରୀ ବି ପଳେଇଲା କିନ୍ତୁ ଧନୀର ସମ୍ପତ୍ତି ବଢ଼ିବାକୁ ଲାଗିଲା । ଆମ ଦେଶରେ ମୁଖ୍ୟତଃ ୧୧ ଜଣ ଅରବପତି କରୋନା କାଳରେ ଏମିତି ଲାଭ କଲେ ଯାହା ଜାଣିଲେ ଆପଣ ତାଜୁବ ହୋଇଯିବେ । ମୁକେଶ ଅମ୍ବାନୀ, ଗୌତମ ଅଦାନୀ , ଶିବ୍ ନାଦାର, ସାଇରସ୍ ପୁନାୱାଲା, ଉଦୟ କୋଟାକ୍, ଆଜିମ୍ ପ୍ରେମଜୀ, ସୁନୀଲ ମିତଲ,

▶▶ପୃଷ୍ଠା ୭

# ଓଡ଼ିଶାରୁ ୨ ଜଣ ପାଇବେ ରାଷ୍ଟ୍ରପତି ପୋଲିସ୍ ମେଡାଲ

ଭୁବନେଶ୍ୱର ,୨୫।୦୧ (ନି.ପ୍ର): ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ୨୦୨୧ ବର୍ଷ ପାଇଁ ପୋଲିସ ପଦକ ଘୋଷଣା କରାଯାଇଛି । ଚଳିତବର୍ଷ ଓଡ଼ିଶାରୁ ମୋଟ ୧୩ ଜଣଙ୍କୁ ମିଳିବ ମେଡାଲ । ସେଥିମଧ୍ୟରୁ ଓଡ଼ିଶାର ୨ଜଣଙ୍କୁ ରାଷ୍ଟ୍ରପତି ପୋଲିସ ଏବଂ ଅନ୍ୟ ୧୧ ଜଣ ପୋଲିସ କର୍ମଚାରୀଙ୍କୁ ଉଲ୍ଲେଖନୀୟ ସେବା ପଦକ ଦିଆଯିବ । ଗୁଇନ୍ଦା ନିର୍ଦ୍ଦେଶକ ରାଧାକିଷନ ଶର୍ମା ଏବଂ ବିପିଏସପିଏ ଡେପୁଟି ସୁବେଦାର ବୁଦ୍ଧି ବାହାଦୁର ଥାପାଙ୍କୁ ରାଷ୍ଟ୍ରପତି ପୋଲିସ ପଦକରେ ସମ୍ମାନିତ କରାଯିବ । ସେହିପରି ଆଇନ ଶୃଙ୍ଖଳା ପାଇଁ ଆଇଜି ପ୍ରବୀଣ କୁମାର,

▶▶ପୃଷ୍ଠା ୭


DADLS-72

ସାଧାରଣତନ୍ତ୍ର ଦିବସ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୦୧ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0117/2021


## ବିସ୍କୁଟ୍ ଦେଇ ଦୁଇ କୁନି ଝିଅଙ୍କୁ ନେଇଯାଉଥିଲା, ମାଡ଼ିବସିଲେ ଗାଁ ଲୋକ

ଖୋର୍ଦ୍ଧା,୨୫।୦୧ (ନି.ପ୍ର): ଗାଁ ଦାଣ୍ଡରେ ଖେଳୁଥିବା ଦୁଇ କୁନି ଝିଅଙ୍କୁ ବିସ୍କୁଟ ଖାଇବାକୁ ଦେଇଥିଲେ। ବିସ୍କୁଟ୍ ଖାଇବା ପରେ ଦୁଇ କୁନି ଝିଅ ଅଚେତ ହେବା ପରେ ଜଣେ ବ୍ୟକ୍ତି କାନ୍ଧରେ ବସାଇ ନେଇ ଯାଉଥିଲେ। ଆଜି ଏପରି ଅଭିଯୋଗ ଖୋର୍ଦ୍ଧା ଜିଲ୍ଲା ସଦର ଥାନା ଅଞ୍ଚଳରୁ ଆସିଛି। ଗାଁ ଲୋକେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଛନ୍ତି। ଆଜି ମଧ୍ୟାହ୍ନରେ ପାନବରଜ ଗାଁରେ ଦୁଇ କୁନି ଝିଅ ଗାଁ ଦାଣ୍ଡରେ ଖେଳୁଥିଲେ। ସେମାନଙ୍କୁ ଜଣେ ବ୍ୟକ୍ତି ବିସ୍କୁଟ ଖାଇବାକୁ ଦେଇଥିଲେ। ବିସ୍କୁଟ ଖାଇବା ପରେ ପିଲାମାନେ ଚେତା ହରାଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ସେମାନଙ୍କୁ କାନ୍ଧରେ ବସାଇ ଗାଁରୁ ପଳାଇ ଯାଇଥିଲେ। ଗାଁ ଲୋକ ଏହା ଦେଖି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ। ତାକୁ ଧରି ଗାଁକୁ ଆଣି ନିସ୍ତୁକ ମାଡ଼ ମାରିଥିଲେ। ସଦର ଥାନା ପୁଲିସ ତାଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି।

# ଯୁକ୍ତ ୨ ପ୍ରଶ୍ନପତ୍ରରେ ରହିବ ୫୦ ପ୍ରତିଶତ ମଲ୍ଟିପୁଲ୍ ଚଏସ୍

ଭୁବନେଶ୍ୱର,୨୫।୦୧ (ନି.ପ୍ର): ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଢାଂଚା ବଦଳିବ । ଚଳିତ ବର୍ଷ ଯୁକ୍ତ ୨ ପ୍ରଶ୍ନପତ୍ରରେ ହାରାହାରି ୫୦ ପ୍ରତିଶତ ମଲ୍ଟିପୁଲ୍ ଚଏସ୍ ପ୍ରଶ୍ନ ରହିବ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ନୂଆ ସିଲାବସ୍ ଅଧୀନରେ ଆସୁଥିବା ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀମାନେ ଅର୍ଥାତ୍ ଯେଉଁମାନେ ୨୦୧୬ ମସିହା କିମ୍ବା ପରେ ରେଜିଷ୍ଟ୍ରୀଭୁକ୍ତ ହୋଇଛନ୍ତି ସେହି ଛାତ୍ରଛାତ୍ରୀଙ୍କ ପାଇଁ କମ କରା ଯାଇଥିବା ୟ ସିଲାବସ୍‌ରୁ ପ୍ରଶ୍ନ ଆସିବ । ସେ କହିଛନ୍ତି ଯେ ପ୍ରଶ୍ନପତ୍ରରେ ହାରାହାରି ୫୦% ମଲ୍ଟିପୁଲ୍ ଚଏସ୍ ପ୍ରଶ୍ନ ରହିବ । ମଲ୍ଟିପୁଲ୍ ଚଏସ୍ କୋଶ୍ଚିନର ପ୍ରତ୍ୟେକ ପ୍ରଶ୍ନ ପାଇଁ ୧ ନମ୍ବର ରହିବ । ହାରାହାରି ୩୦ ପ୍ରତିଶତ ସଂକ୍ଷିପ୍ତ ଉତରମୂଳକ ପ୍ରଶ୍ନ ରହିବ । ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଅପ୍‌ସନ୍ ରହିବ । ସଂକ୍ଷିପ୍ତ ଉତରମୂଳକର ପ୍ରତି ପ୍ରଶ୍ନ ୨ କିମ୍ବା ୩ ମାର୍କର ରହିବା ନେଇ ସେ ସୂଚନା ଦେଇଛନ୍ତି ।



## ଘନ କୁହୁଡି ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୨୫।୦୧ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୧ଟି ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଏଥିପାଇଁ ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ ଭଦ୍ରକ ଆଦି ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଉପକୂଳ ଓଡ଼ିଶା ସମେତ

▶▶ପୃଷ୍ଠା ୭


DADLS-72

ସାଧାରଣତନ୍ତ୍ର ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି ।

ଆସନ୍ତୁ, ଏକ ସଶକ୍ତ, ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ରହି କାମ କରିଚାଲିବା । ଦେଶର ସମୃଦ୍ଧିରେ ନିଜର ଯୋଗଦାନ ଦେଇ ଭାରତକୁ ଆହୁରି ଶକ୍ତିଶାଳୀ କରିବା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0117/2021


# ଓଡ଼ିଶାରୁ ଅନ୍ୱେଷ ପାଇଲେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର



ଭୁବନେଶ୍ୱର,୨୫।୦୧ (ନି.ପ୍ର): ଦେଶର ୩୨ ଶିଶୁଙ୍କୁ ବର୍ଷ ୨୦୨୧ ପାଇଁ ପ୍ରଦାନ କରାଯାଇଛି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର। ସେମାନଙ୍କ ମଧ୍ୟରେ ଓଡ଼ିଆ ମେଧାବୀ ଅନ୍ୱେଷ ଶୁଭମ ପ୍ରଧାନ ଅଛନ୍ତି। ଏହି ପୁରସ୍କାରପ୍ରାପ୍ତ ଛାତ୍ରଛାତ୍ରୀଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କରୋନା ସଂକ୍ରମଣ କାରଣରୁ ଆପଣମାନଙ୍କ ସହ ଭର୍ଚୁଆଲ ମିଟିଂ କରିବାକୁ ପଡ଼ିଲା ବୋଲି କହିଛନ୍ତି ମୋଦି। କଳା ଓ ସଂସ୍କୃତି, ନବସୃଜନ ବା ଇନୋଭେସନ, ଶିକ୍ଷାଗତ ସଫଳତା, କ୍ରୀଡ଼ା, ସାହସିକତା ଓ ସାମାଜ ସେବା ବର୍ଗରେ ଦେଶର ଏହି ୩୨ ଜଣ କୁନି ପ୍ରତିଭା ପୁରସ୍କୃତ ହୋଇଛନ୍ତି। ଶିକ୍ଷାଗତ ସଫଳତା ବର୍ଗରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଛନ୍ତି ଅନ୍ୱେଷ ଶୁଭମ୍। ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଆ ମେଧାବୀ ଅନ୍ୱେଷ ଶୁଭମ ପ୍ରଧାନ ଭୁବନେଶ୍ୱରରେ ନବମ ଶ୍ରେଣୀରେ ପଢୁଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୪୦୦ ସାର୍ଟିଫିକେଟ୍ ଓ ଛାତ୍ରବୃତ୍ତି ପାଇଛନ୍ତି। ସେ ସିଙ୍ଗାପୁର ଓ ଏସିଆନ୍ ସ୍କୁଲ ମ୍ୟାଥ୍ ଅଲମ୍ପ୍ୟାଡ୍‌ରେ ୩ଟି ଗୋଲ୍ଡ ମେଡାଲ ପାଇଛନ୍ତି। ସେହପରି ଥାଇଲାଣ୍ଡ ଅନ୍ତର୍ଜାତୀୟ ମ୍ୟାଥମେଟିକ୍ସ ଅଲମ୍ପ୍ୟାଡ୍‌ରେ ଗୋଲ୍ଡ ମ୍ୟାଡାଲ୍ ପାଇଛନ୍ତି।

# ଦେବରାଜ ହତ୍ୟା ମାମଲାର ପର୍ଦ୍ଦାଫାସ, ପୂର୍ବ ଶତ୍ରୁତାରୁ ଗଢ଼ିଥିଲା ମୁଣ୍ଡ



ବ୍ରହ୍ମପୁର,୨୫।୦୧ (ନି.ପ୍ର): ବେଗୁନିଆପଡ଼ାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବରାଜ ସାହୁ ହତ୍ୟା ମାମଲାର ପର୍ଦ୍ଦାଫାସ ହୋଇଛି। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ପୁଲିସ ଡିଆଇଜି ସତ୍ୟବ୍ରତ ଭୋଇ। ପୁଲିସ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ ଜଣଙ୍କୁ ଗିରଫ କରିଥିବା ବେଳେ ମାରଣାସ୍ତ୍ର ଜବତ କରିଛି। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବରାଜ ସାହୁ ଓ ଅଜୟ ବାରିକଙ୍କ

▶▶ପୃଷ୍ଠା ୭

# ଧାନ ନଉଠାଇବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ବିଜେପିର ୫ଟି ପ୍ରଶ୍ନ



ଭୁବନେଶ୍ୱର,୨୫।୦୧ (ନି.ପ୍ର): ଓଡିଶାର ଲକ୍ଷ ଲକ୍ଷ ଚାଷୀ ଧାନ ଧରି ରାଜରାସ୍ତାରେ ବସିଛନ୍ତି । ରାଜ୍ୟ ସରକାର ଚାଷୀଙ୍କ ଧାନ ଉଠାଉ ନାହାଁନ୍ତି । କେନ୍ଦ୍ରସରକାର ଧାନ ମଣ୍ଡିଗୁଡିକରେ ଭିତିଭୂମି, ପାନୀୟ ଜଳ, ଧାନ ଅଖା, ସୁତୁଲି ଏବଂ ଯିବା ଆସିବା ଖର୍ଚ୍ଚ ପାଇଁ ପର୍ଯ୍ୟାପ୍ତ ଅର୍ଥ ଦେଉଥିବାବେଳେ ବିଭିନ୍ନ ଆରଏମସି, ପ୍ୟାକ୍ସ, ଲ୍ୟାମ୍ପସ ପାଖରେ କୋଟି କୋଟି ଟଙ୍କା ପଡିରହିଛି ବୋଲି ବିଜେପି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ସରକାରଙ୍କୁ ୫ ଟି ପ୍ରଶ୍ନ କରିଛନ୍ତି। କେତେ ଚାଷୀଙ୍କୁ କାଳିଆ ଯୋଜନାରେ ପ୍ରଥମ କିସ୍ତିରେ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ ଏହି ସଂଖ୍ୟା ଏବେ କେତେରେ ପହଂଚିଛି ? କାଳିଆ ଯୋଜନା ଖର୍ଚ୍ଚ କଂଟିଜେନ୍ସି ଫଣ୍ଡରୁ ସରକାର ବ୍ୟବସ୍ଥା କରିଥିଲେ।

▶▶ପୃଷ୍ଠା ୭


DADLS-72

ସାଧାରଣତନ୍ତ୍ର ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୨ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଁ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଭାରତର ଏକତା ଓ ସଂହତି ରକ୍ଷା ସହିତ ଆମ ରାଜ୍ୟକୁ ଦେଶର ଏକ ଅଗ୍ରଗଣ୍ୟ ରାଜ୍ୟ ଭାବେ ଗଢ଼ିତୋଳିବା ନିମନ୍ତେ ସମସ୍ତେ ଆନ୍ତରିକ ଉଦ୍ୟମ କରିବାକୁ ମୁଁ ବିନମ୍ର ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0117/2021

# ଭାରତୀୟ ଜନତା ପାର୍ଟି ତରଫରୁ ଭଦ୍ରକ ନିର୍ବାଚନ ମଣ୍ଡଳୀରେ ପ୍ରଶିକ୍ଷଣ ଶିବିର- ୨୦୨୧

ଭଦ୍ରକ,୨୫।୧ (ନି.ପ୍ର):ରିଖ ଭାରତୀୟ ଜନତା ପାର୍ଟି ତରଫରୁ ଭଦ୍ରକ ନିର୍ବାଚନ ମଣ୍ଡଳୀ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଡାକ୍ତର ପ୍ରଦୀପ ନାୟକଙ୍କ ନେତୃତ୍ୱରେ ୫ଟି ମଣ୍ଡଳର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ଉଦ୍‌ଘାଟନ କରିଥିଲେ ବିରୋଧି ଦଳର ଉପନେତା ଧାମନଗର ବିଧାୟକ ବିଷ୍ଣୁ ସେଠୀ । ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ, ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ ପ୍ରଶିକ୍ଷଣ ଦେଇଥିଲେ । ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଭଣ୍ଡାରୀପୋଖରି ଭାଜପା ନେତା ବଦ୍ରୀ ନାରାୟଣ ଧଳ, ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀହର୍ଷ ସ୍ୱାଇଁ, ଜିଲ୍ଲା ଉପ ସଭାପତି କମଳାକାନ୍ତ ସୂତାର, ଜିଲ୍ଲା ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ତପନ ମହାନ୍ତି, ଭାସ୍କର ସାହୁ, ଭଗବାନ ପଣ୍ଡା




ସଭାକୁ ପରିଚାଳନା କରିଥିଲେ । ମଣ୍ଡଳ ସଭାପତି ପ୍ରଭାକର ସାମଲ, ଆଦିକନ୍ଦ ନାୟକ, ଉତ୍ତମ ପାତ୍ର, ଗୋପାଳ ସାହୁ, ନାରାୟଣ ସେନାପତି, ଯୁବନେତା ବିକାଶ ଶ୍ରେଷ୍ଠା, ନାରୀ ନେତ୍ରୀ ହରପ୍ରିୟା ସାହୁ ଏହି ସଭାରେ ପ୍ରାୟ ୬୦୦ରୁ ଅଧିକ ଲୋକଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହାର ମୂଳ ଉଦ୍ଦେଶ୍ୟ ଥିଲା ଭାରତୀୟ ଜନତା ପାର୍ଟି କଣ ତାହା ଲୋକମାନଙ୍କ ପାଖରେ ପହଞ୍ଚେଇବା । ଶାସନ ବିଷୟରେ ବୁଝିବା, କିପରି ଭାରତୀୟ ଜନତା ପାର୍ଟିକୁ ଉପରସ୍ତରକୁ ନେଇ ୨୦୨୪ରେ ଜିତାଇବେ ବିରୋଧି ଦଳର ଉପନେତା ତାଙ୍କ ଭାଷଣରେ କହିଥିଲେ । ଭାରତୀୟ ଜନତା ପାର୍ଟି ଲୋକପାଇଁ, ଲୋକମାନଙ୍କର ଲୋକମାନଙ୍କ ଦ୍ୱାରା, ଭାରତ ମାତାର ବଳ । ଏହା ଏକ ବ୍ୟକ୍ତିର ଦଳ ନୁହେଁ, ଯେପରି ବିଜୁ ଜନତା ଦଳ । ଏହି ସଭାକୁ ସହଯୋଗ କରିଥିଲେ ବୃଷଭାନୁ ସାହୁ, ଶଶାଙ୍କ ମିଶ୍ର, ଶଶାଙ୍କ ଦାସ, ରାକେଶ ମହାପାତ୍ର, ପଦ୍ମିନୀ ଦ୍ୱିବେଦୀ, ରମିତା ପାଢ଼ୀ, ମମତା ବେହେରା, ଭାଗିରଥି ମହାକୁଡ, ଶରତ ପରିଡା, ପ୍ରମୋଦ ଦାଶ, ରଂଜନିକାନ୍ତ ଦାସ ।

# ସ୍ୱାତୀ ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ଦିବସ – ୨୦୨୧ ପାଳିତ

କନ୍ଧମାଳ,୨୫।୧ (ନି.ପ୍ର): ଫୁଲବାଣୀ 'ସ୍ୱାତୀ' ଅନୁଷ୍ଠାନଙ୍କ କାର୍ଯ୍ୟାଳୟ ଠାରେ "ଜାତୀୟ କନ୍ୟା ସନ୍ତାନ ଦିବସ – ୨୦୨୧" ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟାକ୍ରମଟିରେ ୫୦ରୁ ଅଧିକ କିଶୋରୀ ବାଳିକାମାନେ ଯୋଗ ଦେଇ ଆଗାମୀ ଦିନରେ କିପରି କନ୍ୟା ସନ୍ତାନମାନଙ୍କର ଯତ୍ନ ନେଇ ଭବିଷ୍ୟତରେ ସମାଜକୁ ସୁରକ୍ଷିତ କରାଯାଇ ପାରିବ ତାହା ଆଲୋଚନା କରିଥିଲେ । କାର୍ଯ୍ୟକ୍ରମଟି 'କ୍ରାଏ' କୋଲକତା ଓ ଓସାକ୍ସ, ଭୁବନେଶ୍ୱରଙ୍କ ମିଳିତ ସହାୟତା ଏବଂ ସ୍ୱାତୀ ଅନୁଷ୍ଠାନଙ୍କ ସହଯୋଗରେ ଆୟୋଜିତ ହୋଇଥିବାବେଳେ ଅତିଥିଭାବେ କନ୍ଧମାଳ ସମନ୍ୱିତ ପରାମର୍ଶ ଓ ରକ୍ତ ପରୀକ୍ଷା ସୁପରଭାଇଜର ଦେବାଶିଷ ମିଶ୍ର ଯୋଗ ଦେଇଥିଲେ । ସରକାର ବିଭିନ୍ନ ସ୍ତରରେ କନ୍ୟା ସନ୍ତାନମାନଙ୍କର ସୁରକ୍ଷାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରୁଥିବାବେଳେ ଗୋଷ୍ଠୀ ସ୍ତରରେ କିଶୋରୀମାନଙ୍କର ଆଦ୍ୟ ବିବାହ ଉଦ୍‌ବେଗ ଜନକ ହେଉଛି । କିନ୍ତୁ ଏହାକୁ ସମସ୍ତେ ହାତ ମିଶାଇ ଆଗକୁ ଆସିଲେ ଏହା ରୋକି ହେବ ବୋଲି ମତବ୍ୟକ୍ତ କରିଥିଲେ । ତତ୍‌ସହିତ ଘରୋଇ ସ୍ତରରେ ମଧ କିଭଳି ପୁଅ ଓ ଝିଅକୁ ସମାନତା ମିଳିବ ସେ ଦିଗରେ ମଧ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ଉପସ୍ଥାପନାରେ ସ୍ଥାନ ପାଇଥିଲା । ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ମଧ କିପରିଭାବେ ଗାଁ ସ୍ତରରେ ଝିଅମାନଙ୍କୁ ମିଳିପାରିବ ତାହା କିଶୋରୀମାନେ ଦଳ ଗଠନ କରି ତଦାରଖ କରି ନିଶ୍ଚିତ କରାଇବା ପାଇଁ ମଧ ଆହ୍ୱାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ହରିଶଙ୍କର ରାଉତ ଉପସ୍ଥିତ ବାଳିକାମାନଙ୍କୁ ନିଜର ଆତ୍ମବିଶ୍ୱାସ ବଢ଼ାଇ ବିଭିନ୍ନ ପ୍ରଲୋଭନରେ ଶିକାର ନହୋଇ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଆହ୍ୱାନ ଦେବା ସହ କାର୍ଯ୍ୟକ୍ରମ ଟି.ଆଇ ଓ ପ୍ରକ୍‌ଦୀପ ପ୍ରକଳ୍ପ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳନ କରାଯିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦ୍ଧିକ ପ୍ରଶାନ୍ତ କୁମାର ବେହେରା ଏବଂ ଆଦିତ୍ୟ ପ୍ରସାଦ ତ୍ରିପାଠୀ ଯୋଗଦେଇ ବାଲ୍ୟ ବିବାହ ରୋକିବା, କନ୍ୟାମାନଙ୍କୁ ଅଧିକାର ଦେବା ନିମନ୍ତେ ସମାଜରେ ସମୂହ ସ୍ୱର ଉଠାଇବାକୁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମର ଶେଷ ଭାଗରେ କନ୍ୟା ସନ୍ତାନମାନଙ୍କୁ ସମ୍ମାନ ଦେବା ଅର୍ଥରେ ଏକ ଶପଥପାଠ ଅନୁଷ୍ଠାନର ସଂଯୋଜକ ବିଶ୍ୱରଞ୍ଜନ କରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନାରେ ଶ୍ରଧାଙ୍ଗିନୀ ମଲ୍ଲିକ, ସୀତା ରଣା, ମିନାକ୍ଷୀ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ ।

# କ୍ଲବ ପ୍ରୀତି ଓ ପ୍ରତୀତିର ବାର୍ଷିକ ଉତ୍ସବ

କୋରେଇ,୨୫।୧ (ନି.ପ୍ର): ଭୁବନେଶ୍ୱରପୁର ଅଂଚଳର ଅଗ୍ରଣୀ ସଙ୍ଗଠନ କ୍ଲବ ପ୍ରୀତି ଓ ପ୍ରତୀତିର ବାର୍ଷିକ ଉତ୍ସବ ଓ ନେତାଜୀ ଜୟନ୍ତୀ କ୍ଲବ ପରିସରରେ କୋଭିଡ କଟକଣା ମଧ୍ୟରେ ନିଡାମ୍ବର ଭାବରେ କ୍ଲବର ଉପସଭାପତି କେଶବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ରାୟ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପାଦକ ଧିରେଶ କୁମାର ଦାସ, ସଭ୍ୟ ଅଭୟ ଓଝା, ପ୍ରଦ୍ୟୁମ୍ନ ସାହୁ, ସୁକାନ୍ତ ସାହୁ, କିର୍ତନ ବାରିକ ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ଆଗାମୀ ଦିନରେ ବଳିଷ୍ଠ କରିବା ପାଇଁ ବକ୍ତବ୍ୟ ରଖିଥିଲେ । ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗତ ୧୯୮୧ ମସିହା ଠାରୁ ପ୍ରତିଷ୍ଠିତ ସଙ୍ଗଠନକୁ ଅଧିକ ସଂଗ୍ରାମୀ କରିବା ପାଇଁ ସଭ୍ୟମାନେ ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ସଭାପତି ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମପରାୟଣା ମହିଳାଙ୍କ ଅକାଳ ବିୟୋଗ

ଜଳେଶ୍ୱର,୨୫।୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ଗ୍ରାମର ଜଣେ ଧର୍ମପରାୟଣ ଓ ବାଲ୍ୟବିଧବା ମାହେଶ୍ୱରୀ ଦତ୍ତ(୬୦)ଙ୍କ ଅକାଳ ବିୟୋଗ ଘଟିଛି । ଘଟଣାରୁ ପ୍ରକାଶ ଆଜି ମଧ୍ୟାହ୍ନ ଭୋଜନ ସାରି ନିକଟରେ ଥିବା ପୋଖରୀ ହୁଡାରେ ଏକା ଯିବା ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ଗଭୀର ପାଣିରେ ବୁଡି ଯାଇଥିଲେ । କିଛି ସମୟପରେ ପଡିଶା ଲୋକଙ୍କ ଦୃଷ୍ଟିଗୋଚର ହେବାରୁ ସେମାନେ ତାଙ୍କୁ ପାଣିରୁ ଉଦ୍ଧାର କରି ପରିବାର ସହାୟତାରେ ଜିକେ ଭଟ୍ଟର ହସ୍‌ପିଟାଲକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କଲାପରେ ତାଙ୍କ ଶବକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଛି । ସ୍ୱର୍ଗତ ମାହେଶ୍ୱରୀ ଘଟଣା ପୂର୍ବରୁ ନିକଟରେ ଥିବା ନିଜ ବାପା, ମାଙ୍କ ସମାଧିପୀଠରେ ବସିଥିବାର ଦେଖାଯାଇଥିଲା । ସୂଚନାଯୋଗ୍ୟ ମାହେଶ୍ୱରୀର ପୁତୁରାଙ୍କର ବିବାହ ଆୟୋଜନ ଚାଲିଥିବା ବେଳେ ଏପରି ଘଟଣା ପରିବାରକୁ ବ୍ୟଥିତ କରିଛି । ସେ ହରିଓମ୍ ଧର୍ମୀରେ ଦିକ୍ଷୀତ ହୋଇଥିବାରୁ ତାଙ୍କର ସମ୍ପ୍ରଦାୟ, ସରପଂଚ ଏବଂ ଗ୍ରାମବାସୀ ମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ ଡାକ୍ତର ନବକିଶୋର ପ୍ରଧାନଙ୍କ 'ଅବ୍ୟକ୍ତ' କବିତା ସଂକଳନ ହେଲା ଲୋକାର୍ପିତ

ବାଲେଶ୍ୱର ,୨୫।୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୁପ୍ରତିଷ୍ଠିତ ଶିଶୁ-ଚିକିତ୍ସକ ଡାକ୍ତର ନବକିଶୋର ପ୍ରଧାନଙ୍କ ପ୍ରଥମ କବିତାସଂକଳନ 'ଅବ୍ୟକ୍ତ'ର ଲୋକାର୍ପଣ ଉତ୍ସବ ଗତ ୨୪ତାରିଖ ସନ୍ଧ୍ୟାରେ ସହରସ୍ଥ ଆତିଥ୍ୟ ସଭାଗୃହରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧରେ ଅନୁଷ୍ଠିତ ହୋଇଯାଇଛି । ପାହାଡ଼ ଜଙ୍ଗଲଘେରା ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡର ନରଣପୁର ଗ୍ରାମରେ ଜନ୍ମିତ ଡାକ୍ତର ପ୍ରଧାନ ଡାକ୍ତରୀ ଶିକ୍ଷାଲାଭ ପରେ ସରକାରୀ ଚାକିରିରେ ଯୋଗ ନଦେଇ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସହରରେ ଏକ ଘରୋଇ କ୍ଲିନିକ୍ ପ୍ରତିଷ୍ଠା କରି ଦୀର୍ଘ ୨୦ବର୍ଷ ଧରି ନିଜର ବୃତ୍ତିଗତ ଜୀବନ ନିର୍ବାହ କରିବା ମଧ୍ୟରେ ଜଣେ ସଫଳ ଶିଶୁ-ଚିକିତ୍ସକର ସୁଖ୍ୟାତି ଲଭିଥିଲାବେଳେ ତାଙ୍କ ଭିତରେ ଛାତ୍ରସମୟରୁ ଯେଉଁ ସୃଜନମନସ୍କତା ରହିଥିଲା ତାହାର ପରିଣତି ସ୍ୱରୂପ ସମ୍ପ୍ରତି ୩୯ଗୋଟି କବିତାର ଏକ ମନୋଜ୍ଞ ସଂକଳନ



ପ୍ରକାଶ ପାଇଛି । ବିବିଧ ବର୍ଣ୍ଣାଳିରେ ସୁଶୋଭିତ କବିତା ମଧରେ ରହିଛି ସମାଜ ଓ ଜୀବନ ପାଇଁ ଯେଭଳି ବାର୍ତ୍ତା ସେହିଭଳି ଭାବେ ଦେହାତୀତ ପ୍ରେମ-ପ୍ରତ୍ୟୟର ଗଭୀର ଉଚ୍ଛ୍ୱାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ବାଲେଶ୍ୱର ଦ୍ୱାରା ପ୍ରକାଶିତ ଡାକ୍ତର ପ୍ରଧାନଙ୍କର ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ଗବେଷକ ତଥା ଅବସରପ୍ରାପ୍ତ ଅଧକ୍ଷ ଡ.ଅରବିନ୍ଦ ଗିରି । ପୁସ୍ତକର ଉନ୍ମୋଚକ ଭାବେ ଯୋଗ ଦେଇଥିଲେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ ତଥା ବିଶିଷ୍ଟ ସାହିତ୍ୟିକ ବ୍ରହ୍ମାନନ୍ଦ ବେହେରା । ଲୋକାର୍ପିତ ପୁସ୍ତକ ଓ ଏହାର ରଚୟିତାଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ବିଶିଷ୍ଟ ଲେଖକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ ତଥା ପୁସ୍ତକର ପ୍ରକାଶକ ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା । ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ପ୍ରାକ୍‌କଥନ ରଖିଥିଲା ବେଳେ ପୁସ୍ତକ ରଚୟିତା ଡାକ୍ତର ନବକିଶୋର ପ୍ରଧାନ ଡାକ୍ତରୀ ପଢ଼ା ସମୟରୁ କିଭଳି କବିତା ରଚନାରେ ନିମଗ୍ନ ରହିଥିଲେ ସେ ସମ୍ପର୍କରେ ଅଭିମତ ରଖିଥିଲେ । କବି ସତ୍ୟଭାମା ମୁଦୁଲି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଜ୍ଞାପାରମିତା ପ୍ରଧାନ ଓ ପି.ସାଇ ସୁଶ୍ରୀ ଅତିଥିମାନଙ୍କୁ ସ୍ୱାଗତ ଅଭ୍ୟର୍ଥନା ଜଣାଇଥିଲେ । ଡାକ୍ତର ପ୍ରଧାନଙ୍କର ଜ୍ୟେଷ୍ଠଭ୍ରାତା କୃତିଶିକ୍ଷକ ବ୍ରଜକିଶୋର ପ୍ରଧାନ ଓ ତାଙ୍କର ସହଧର୍ମିଣୀ ସ୍ୱୀ ଓ ପ୍ରସୂତିରୋଗ ବିଶେଷଜ୍ଞା ଡାକ୍ତର ଶ୍ରାବଣୀ ବିଶ୍ୱକଲ୍ୟାଣୀ, ପୁତ୍ର ଓମ୍, ପୁତୁରା ସୋମ୍ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ଡାକ୍ତର, ବୁଦ୍ଧିଜୀବୀ, ଲେଖକବୃନ୍ଦ ଯୋଗ ଦେଇଥିଲେ ।

# ସାରୁକୋଣା ପଞ୍ଚାୟତର ମନ୍ତ୍ରୀ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ଭିତ୍ତିପ୍ରସ୍ତର ସ୍ଥାପନ

ଖଇରା,୨୫।୧ (ନି.ପ୍ର): ଖଇରା ବ୍ଲକ ସାରକୋଣା ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ଶୁଭ ଉଦ୍ଘାଟନ ପର୍ଯ୍ୟଟନ ମନ୍ତ୍ରୀ ଦ୍ୱାରା ହୋଇଥିଲା । ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହି ସାରକୋଣା ମାର୍କେଟ କମ୍ପ୍ଲେକ୍ସ ନିମନ୍ତେ ୧୦ଲକ୍ଷ ଟଙ୍କା ଓ କେନ୍ଦୁଭଦଳୀ ସାର୍ବଜନୀନ ଦୋଳ ଉତ୍ସବ ବିଶ୍ରାମ ଗୃହ ନିମନ୍ତେ ୫ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ଏହି ଅର୍ଥ ଦ୍ୱାରା ସାରକୋଣା ପଞ୍ଚାୟତର ବିଭିନ୍ନ ବର୍ଗର ଜନସାଧାରଣ ଏହାକୁ ସ୍ୱାଗତ କରିଛନ୍ତି ।

# ୩୨ ଲିଟର ମଦ ଜବତ,୩ ମାମଲା ରୁଜୁ

କନ୍ଧମାଳ,୨୫।୧ (ନି.ପ୍ର): କନ୍ଧମାଳ ଜିଲାରେ ଅବକାରି ବିଭାଗ ଗତ ୨ ଦିନ ମଧ୍ୟରେ ଜିଲାର ବିଭିନ୍ନ ଅଂଚଳରେ ବେଆଇନ ଭାବେ ବିକ୍ରି କରୁଥିବା ପ୍ରାୟ ୧୦୦ ଲିଟର ଦେଶି ଓ ବିଦେଶୀ ମଦ ଜବତ କରିବା ସହିତ ୬ଟି ମାମଲା ରୁଜୁକରୁଥିବା ପ୍ରକାଶ । ଆଜି ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇଁ ଚକାପାଦ ବ୍ଲକ ଅନ୍ତର୍ଗତ ଲାଇନପଡ଼ା ଅଂଚଳ ଅଞ୍ଜନ କୁମାର ସାହୁ ବେଆଇନ ଭାବେ ବିଦେଶୀ ମଦ ଚାଲାଣ କରୁଥିବା ବେଳେ କର୍ମଚାରୀ ମାନେ ବାଟରୁ ଉକ୍ତ ମଦ ଜବତ କରିବା ସହିତ ଏକ ମାମଲା ରୁଜୁକରିଛନ୍ତି । ସେହିଭଳି ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୁଦାରି ମଳିକ ସାହିର ଗରୁଡ଼ ନାୟକ ଓ ଦଳପଡ଼ା ଅଂଚଳର ରୋହିତ ପ୍ରଧାନ ମଧ୍ୟଚୋରା ଚାଲାଣ ବେଳ ପୁଲିସ୍ ଉଭୟଙ୍କ ନିକଟରୁ ମଦ ଜବତ କରି ମାମଲା ରୁଜୁକରିଥିବାର ଅବକାରି ସବ୍ ଇନିସପେକ୍ଟର ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି । ଶନିବାର ମଧ୍ୟ ଜିଲାର ଫିରିଙ୍ଗିଆ ଓ ଗୋଛାପଡ଼ା ଅଂଚଳ ବିଭିନ୍ନ ସ୍ଥାନରେ ଚଢାଉ କରି ୩ଟି ମାମଲା ରୁଜୁକରିଥିଲେ ।

## ସମାଜସେବୀ ମାଧବାନନ୍ଦ ଷଡଙ୍ଗୀଙ୍କ ଶ୍ରାଦ୍ଧ ବାର୍ଷିକ ପାଳନ

କୋରେଇ,୨୫।୧ (ନି.ପ୍ର): ଭୁବନେଶ୍ୱରପୁର ଅଂଚଳର ବିଶିଷ୍ଟ ସମାଜସେବୀ ୰ ମାଧବାନନ୍ଦ ଡେଙ୍ଗୀଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକ ମାଧବାନନ୍ଦ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରପୁର ଲକ୍ଷ୍ମୀଛକ ସ୍ଥିତ ସମାୟଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ସଭାପତି ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ରାୟଙ୍କ ସଭାପତିତ୍ୱରେ ସଭାରେ ସମ୍ପାଦକ ଇଂ ଡା.ବିମଳ ଷଡଙ୍ଗୀ ଅନୁଷ୍ଠାନ ପକ୍ଷରୁ ନିଆଯାଇଥିବା ଓ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ମେଡିକାଲ କଲେଜ ପାଇଁ କଂଗ୍ରେସର ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡ଼ା,୨୫।୧ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟମୁଣ୍ଡାଇ ବ୍ଲକ , କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୁର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ଗରାପୁର ସ୍ଥିତ ବାସ ଭବନରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁଗୋ ଯୋଗଦେଇ କଂଗ୍ରେସର ଦେଶ ଗଠନରେ ଐତିହାସିକ ଅବଦାନ ସଂପର୍କରେ ସୂଚନା ଦେଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଏହି ଆଲୋଚନା ରେ ଭାଗନେଇ କଂଗ୍ରେସର "ମାଟି ପାଇଁ ପାର୍ଟି" ଆହ୍ୱାନକୁ ସ୍ୱାଗତ କରିଥିଲେ । ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାନଯାଏ ତେବେ କଂଗ୍ରେସ ଆସନ୍ତା ଫେବୃଆରୀ ୧୦ ତାରିଖ ମହା ଆନ୍ଦୋଳନରେ ଯୋଗଦେବା ପାଇଁ ସମସ୍ତ କର୍ମୀଙ୍କୁ ନିବେଦନ କରିଛନ୍ତି । ଏହି ଆନ୍ଦୋଳନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତି ନିଆଯାଇଛି । କର୍ମୀ ସମ୍ମିଳନୀ ପ୍ରାରମ୍ଭରେ କୃଷକ ଆନ୍ଦୋଳନରେ ସହିଦ ହୋଇଥିବା କୃଷକଙ୍କ ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ରାଇପୁର ଲାୟନ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବଣବିଷ୍ଣୁପୁର ଚମ୍ପିୟାନ, ଛତରା ରନର୍ସ



ଖଇରା,୨୪।୧(ନିପ୍ର) ଖଇରା ବ୍ଲକ ଗଗନଧୂଳୀ ପଞ୍ଚାୟତ ରାଇପୁର ଲାୟନ କ୍ରିକେଟ କ୍ଲବ ଦ୍ୱାରା ଏକ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହି ଟୁର୍ଣ୍ଣାମେରେ ଆଠଟିଟିମ ଅଂଶ ଗ୍ରହଣ କରିଥିଲେ । ଫାଇନାଲକୁ ଛତରା ଓ ବଣବିଷ୍ଣୁପୁର ଉନ୍ନୀତ ହୋଇଥିବାବେଳେ ବଣବିଷ୍ଣୁପୁର ପ୍ରଥମେ ଟସଜିତି ବ୍ୟାଟିଙ୍ଗ ପାଇଁ ନିଷ୍ପତି ଗ୍ରହଣ କରିଥିଲା ନିର୍ଦ୍ଧାରିତ ୩ ଓଭରରେ ୩ଟି ୱିକେଟ ହରାଇ ୩୦ରନ ସଂଗ୍ରହ କରିଥିଲେ ଜବାବରେ ଛତରା ୩ଓଭରରେ ୩ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିପାରିନପାରିବାରୁ ବଣବିଷ୍ଣୁପୁର ଚମ୍ପିୟାନ ହୋଇଥିଲା । ଫାଇନାଲ ମ୍ୟାଚରେ ବଣବିଷ୍ଣୁପୁରର କମଳାକାନ୍ତ ଦିକ୍ଷିତ ମ୍ୟାନ ଅଫ ଦି ମ୍ୟାଚ ,ବଣବିଷ୍ଣୁପୁର ବେଷ୍ଟ ବୋଲର ରଞ୍ଜନ ଶିଅଳ ଏହି ଟୁର୍ଣ୍ଣାମେଣ୍ଟରେ ଗଗନଧୂଳୀ ସରପଞ୍ଚ ଉଦଘାଟନୀ ଦିବସରେ ଦାମୋଦର ଦାସ ଯୋଗଦେଇଥିବାବେଳେ ରନର୍ସଅପ ଦଳକୁ ୨୦୦୦ଟଙ୍କା ଓ ଚାମ୍ପିୟାନ ଦଳକୁ ୨୫୦୦ଟଙ୍କାର ଅର୍ଥରାଶି ପୁରସ୍କାର ହିସାବରେ ପ୍ରଦାନ କରିଥିଲେ । ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର କର୍ମକର୍ତ୍ତା ତପନ ଦାସ,ସନ୍ତୋଷ ଦାସ,ବିଜୟ ଦାସ,ଗୌରାଙ୍ଗ କୁମାର ଦାସ,ହେମନ୍ତ ଦାସ,ଶଶିକାନ୍ତ ନାଥ ସହଯୋଗ କରିବା ସହ ଅମ୍ପିୟାର ସନ୍ତୋଷ ଦାସ,ତପନ ଦାସ ଖେଳକୁ ପରିଚାଳନା କରିଥିଲେ ।

# ଆଡାସିପଡାରେ ଏନ.ୱାଇ.କେ ପକ୍ଷରୁ କନ୍ୟା ଦିବସ ପାଳିତ

କନ୍ଧମାଳ,୨୫।୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଆଡାସିପଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି । ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ଏବଂ ସ୍ଥାନୀୟ କିରଣ ମହିଳା ମଣ୍ଡଳର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସମିତି ସଭ୍ୟା ନନ୍ଦିନି ମଲ୍ଲିକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଆଶା କର୍ମି ତାରାବତୀ ସାହାଣୀ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଏମ.ବି.କେ କର୍ମୀ ଶୁଭାଦ୍ରା ପ୍ରଧାନ,ରିତାଞ୍ଜଳି ପ୍ରଧାନ ଏବଂ ଫୁଲବାଣୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣୀର ସମ୍ପାଦକ ରବିନ୍ଦ୍ର କୁମାର ସାହୁ,ଅଙ୍ଗନବାଡି କର୍ମୀ କଇଁତା ନାୟକ ଫୁଲବାଣୀ ନେହେରୁ ଯୁବ କେନ୍ଦ୍ରର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସମାଜରେ କନ୍ୟା ସନ୍ତାନର ଆବଶ୍ୟକତା ଏବଂ ସେମାନଙ୍କର ଅବଦାନ ବାବଦରେ ବୁଝାଇବା ସହିତ କନ୍ୟ ସନ୍ତାନମାନେ ସ୍ୱାଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ୫୦ ଜଣରୁ ଅଧିକ ଯୁବତୀ ମାନେ ଯୋଗ ଦେଇଥିଲେ । ସଭାକାର୍ଯ୍ୟ ପରେ ସେଠାରେ ଯୋଗ ଦେଇଥିବା ଯୁବତୀ ମାନଙ୍କ ମଧ୍ୟରେ ଆଜିର ଦିବସ ସମ୍ପର୍କୀତ ଏକ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ କିରଣ ମହିଳା ମଣ୍ଡଳର ସମ୍ପାଦିକା ରାଜଲକ୍ଷ୍ମୀ ସାହୁ ଅତିଥି ସ୍ୱାଗତ କରିଥିବାବେଳେ ସଦସ୍ୟା ରିତାରାଣୀ ସହାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡାରେ ଜାତୀୟ ବାଳିକା ଦିବସ ପାଳିତ

କେନ୍ଦ୍ରାପଡ଼ା,୨୫।୧ (ନି.ପ୍ର): କେନ୍ଦ୍ରାପଡା ସଦର ମହକୁମା ବ୍ଲକ ସମ୍ମିଳନୀ କକ୍ଷରେ ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଚି । ଜିଲ୍ଲାପାଳ ଅମ୍ରିତ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ କନ୍ୟା ସନ୍ତାନ ହିଁ ମାନବ ଜାତିର ସ୍ଥିତି ଓ ପ୍ରଗତିର ମୂଳ ପିଣ୍ଡ ବୋଲି ବକ୍ତବ୍ୟ ରଖିଥିଲେ । କନ୍ୟା ମାନଙ୍କ ଯତ୍ନ, ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଦୃଷ୍ଟିଦେଇ ମଣିଷ ସମାଜର ଏହି ଅବିଚ୍ଛେଦ୍ୟ ଅଙ୍ଗକୁ ସୁସ୍ଥ ସବଳ କରିବା ସହ ସେମାନଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ ଦେଲେ ସମାଜର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସର ରେ ଯୋଗ ଦେଇଥିବା ବିଭିନ୍ନ ସ୍ୱଚ୍ଛାସେବୀ ସଂଗଠନ, ସ୍ୱଳ୍ପ ରହଣୀ କେନ୍ଦ୍ରର ବାଳିକା ମାନଙ୍କ ଦ୍ୱାରା ନୃତ, ଗୀତ ଓ କଳା ପ୍ରଦର୍ଶନ କରାଯାଇ ଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଭଗବତୀ ପ୍ରସାଦ ଦାସ, ସଭ୍ୟା ସ୍ମିତାଞ୍ଜଳୀ ମହାପାତ୍ର, ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ସେନାପତି, ଡିଏସଡବ୍ଲୁଓ ଚିନ୍ମୟୀ ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ରେସ୍ୱାର ସଂପାଦିକା ମିନତୀ ମହାରଣାଙ୍କ ସମେତ ଅଙ୍ଗନବାଡି ଓ ଆଶାକର୍ମୀ ଉପସ୍ଥିତ ଥିଲେ ।

# ପୁସ୍ତକ ଉନ୍ମୋଚନ ଓ ସୁବାଷ ଜୟନ୍ତୀ ପାଳିତ



ଜଳେଶ୍ୱର,୨୫।୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ଶାନ୍ତିଆ ସ୍ଥିତ ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ନେତାଜୀ ଜୟନ୍ତି ଓ ପୁସ୍ତକ ଉନ୍ମୋଚନ ସଭା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ସୁବାଷ ବୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଅନୁଷ୍ଠାନର ସଭାପତି ଇନ୍ଦୁମାଧବ ମହାନ୍ତି ଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ଗଂଗାଧର ମେହେରଙ୍କ ପଣନାତୀ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରାଧ୍ୟାପକ ଡ. ମନୀନ୍ଦ୍ର କୁମାର ବେହେର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଦୀନକୃଷ୍ଣ ମାଟିର ସ୍ୱତନ୍ତ୍ରତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ ବେଜ, ଗବେଷକ ଶ୍ରୀକାନ୍ତ ପାତ୍ର, ସନ୍ତୋଷ ବାରିକ, ସଂପାଦକ ଅକ୍ଷୟ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କବି ପାର୍ଥସାରଥି ପାଣିଗ୍ରାହୀଙ୍କ ଲିଖିତ ପୁସ୍ତକ 'ଦ୍ୱିତୀୟ ତିଥିର ଜ୍ୟୋସ୍ନା' ଓ 'ସ୍ୱପ୍ନ ଭିନ୍ନ ଅନୁଭୂତିର'ର ଲୋକାର୍ପଣ ପର୍ବ ଅନୁଷ୍ଠିତ ହୋଇଥିଲା । ସୁଶାନ୍ତ କୁମାର ଦାସ ମଂଚ ଆହ୍ୱାନ କରିଥିବା ବେଳେ ଜଳେଶ୍ୱର ଅଂଚଳର ବହୁ ସାହିତ୍ୟାନୁରାଗି ଓ କବି ସ୍ୱରଚିତ କବିତା ପାଠ କରିଥିଲେ ।

# ଶିଶୁଙ୍କ ପାଚନ ସମସ୍ୟା



ଖାଦ୍ୟ କିମ୍ବା ପାନୀୟକୁ ଠିକ୍ ଭାବରେ ହଜମ କରିନପାରିଲେ ପିଲାଏ ବାନ୍ତି କରିଥାନ୍ତି । ପେଟରେ ଗ୍ୟାସ୍ ହେବା କାରଣରୁ ସେମାନଙ୍କ ଛାତି ଜଳାପୋଡ଼ା ହୋଇଥାଏ । ଏଭଳି କ୍ଷେତ୍ରରେ ଅଧିକ ଦିନ ଘରୋଇ ଚିକିତ୍ସା ନ କରି ଜଣେ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଅନେକ ସମୟରେ ଛୋଟ ଛୋଟ ପିଲାଙ୍କୁ କ୍ଷୀର ପିଆଇବା ପରେ କିମ୍ବା ଖାଦ୍ୟ ଖୁଆଇ ସାରିବା ପରେ ପିଲାଟି ବାନ୍ତି କରିପକାଏ । ପିଲାଟି ଏଭଳି କରିବା ପଛର କାରଣ ପାଚନ ବା ହଜମ ସମସ୍ୟା ସହିତ ଜଡ଼ିତ ହୋଇପାରେ । ଖାଦ୍ୟକୁ ଠିକ ଭାବରେ ହଜମ କରିବାର କ୍ଷମତା କମ କାରଣରୁ ପିଲାଟି ଅନେକ ସମୟରେ ବାନ୍ତି କରିଦେଇଥାଏ । ଅଦଲ କଥା ହେଉଛି ପିଲାଙ୍କ ପାଚନତନ୍ତ୍ର ଦୁର୍ବଳ ହୋଇଯାଏ ଓ ଏହି କାରଣରୁ ପିଲାଟି ଗରିଷ୍ଠ ଖାଦ୍ୟକୁ ସହଜରେ ହଜମ କରିପାରେ ନାହିଁ । ଏହା ବ୍ୟତୀତ ଶିଶୁମାନେ ସାଧାରଣତଃ ମଇଦାରୁ ପ୍ରସ୍ତୁତ ଖାଦ୍ୟ, ସୋଡ଼ା, ଚକୋଲେଟ୍ ଇତ୍ୟାଦି ଜିନିଷ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏସବୁ ଖାଦ୍ୟ ପିଲାଙ୍କ ପାଚନ ଶକ୍ତି କମ କରିଦେଇଥାନ୍ତି । ଶିଶୁମାନଙ୍କର ପାଚନ ସମସ୍ୟା ଉପୁଜିଲେ କ'ଣ ସବୁ ଲକ୍ଷଣ ଦେଖାଯାଏ ଏବଂ ଏହି ସମସ୍ୟାରୁ ସେମାନଙ୍କୁ କିଭଳି ମୁକ୍ତ କରିବେ ଜାଣିବା ଆସନ୍ତୁ ।

### ଖାଇବା ପରେ ବାନ୍ତି ହେବା:



ସାଧାରଣତଃ ଶିଶୁମାନେ କ୍ଷୀର ବା ସେହିଭଳି ଅନ୍ୟ ତରଳ ପଦାର୍ଥକୁ ଠିକ୍ ଭାବରେ ହଜମ କରି ନ ପାରି ବାନ୍ତି କରିଦେଇଥାନ୍ତି । ଏହା ବ୍ୟତୀତ ଶିଶୁଙ୍କଠାରୁ ବଡ଼ ପିଲାମାନେ ମଧ୍ୟ ଏଣୁତେଣୁ ଖାଦ୍ୟ,ଦୂଷିତ ଖାଦ୍ୟ, ବାସି ଅଥବା ସଢ଼ିଯାଇଥିବା ଖାଦ୍ୟ, ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଦ୍ୱାରା ଠିକ୍ ଭାବରେ ହଜମ କରିପାରନ୍ତି ନାହିଁ । ଫଳରେ ସେମାନେ ବାନ୍ତି କରନ୍ତି । କେବଳ ଯେ ଖାଦ୍ୟ ଉତ୍ତମ ଭାବରେ ହଜମ କରି ନ ପାରିଲେ ବାନ୍ତି ହୁଏ ତାହା ନୁହେଁ । ଅନେକ ସମୟରେ ଫୁଡ୍ ଇନଫେକସନ ବା ଖାଦ୍ୟ ସଂକ୍ରମଣ ଯୋଗୁଁ ମଧ୍ୟ ପିଲାଙ୍କଠାରେ ବାନ୍ତି ସମସ୍ୟା ଦେଖାଯାଏ । କିଛି ଖରାପ ଅଭ୍ୟାସ ଯଥା-ହାତ ନ ଧୋଇ ଖାଦ୍ୟ ଖାଇବା, ମାଛିବସା ଦୂଷିତ ଖାଦ୍ୟ ଖାଇବା, ମଇଳା ପାଣି ପିଇବା ଦ୍ୱାରା ମଧ୍ୟ ବଦହଜମି ହୋଇଥାଏ । ବାନ୍ତି ମଧ୍ୟ ହଇଜା ଭଳି ଦିନେ ଦୁଇ ଦିନ ମଧ୍ୟରେ ଠିକ୍ ହୋଇଯାଇଥାଏ । କିନ୍ତୁ ଯଦି ପିଲାଟି ଦିନେ ଦୁଇ ଦିନରୁ ଅଧିକ ବାନ୍ତି ସମସ୍ୟା ଭୋଗୁଛି, ତା' ହେଲେ ତୁରନ୍ତ ଜଣେ ଅଭିଜ୍ଞ ଶିଶୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

### ଦୁର୍ଗନ୍ଧ ହାକୁଟି ଆସିବା:



ଯଦି ଆପଣଙ୍କ ପିଲାର ଛାତି ପୋଡୁଛି ଅଥବା ଦୁର୍ଗନ୍ଧ ହାକୁଟି ଆସୁଛି ତ ଜାଣିବାକୁ ହେବ, ତା'ର ଏସିଡିଟି ହୋଇଛି । ସାଧାରଣତଃ ଅସମୟରେ ଖାଇବା ଦ୍ୱାରା ଏସିଡିଟି ବା ଅମ୍ଳ ସମସ୍ୟା ଦେଖାଦେଇଥାଏ । ଏହା ବ୍ୟତୀତ ବିଳମ୍ବିତ ରାତିରେ ଖାଇବା, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ମଧ୍ୟ ଏହି ସମସ୍ୟା ଉପୁଜିଥାଏ । ଏଭଳି ସମସ୍ୟାରୁ ମୁକୁଳିବା ପାଇଁ ହେଲେ ପିଲାଟିକୁ କମ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖୁଆନ୍ତୁ । ଏଭଳି କରିବା ଦ୍ୱାରା ଏସିଡିଟି ଦେଖାଦେଉଛି, ତା' ହେଲେ ଜଣେ ଅଭିଜ୍ଞ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

### ଡାଇରିଆର ଲକ୍ଷଣ:

ଯଦି ଶିଶୁଟି ଦିନରେ ତିନି ଥରରୁ ଅଧିକ ଥର ଝାଡ଼ା କରୁଛି ଏବଂ ତା' ସହିତ ତା'ର ବାନ୍ତି ହେଉଛି, ତେବେ ଏହା ଡାଇରିଆ ବା ହଇଜାର ଲକ୍ଷଣ ହୋଇପାରେ । ଡାଇରିଆ ବ୍ୟାକ୍ଟେରିଆ ଓ ଭାଇରସ୍ ଆଦି କାରଣରୁ ହୋଇଥାଏ । ଆଲର୍ଜି କାରଣରୁ ମଧ୍ୟ ବେଳେବେଳେ ଏଭଳି ହୋଇଥାଏ । ଡାଇରିଆର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

### ଅଧିକ ଗ୍ୟାସ୍ ହେବା



ପେଟରେ ଗ୍ୟାସ୍ ହେବା ଏକ ପ୍ରାକୃତିକ ବା ସ୍ୱାଭାବିକ ପ୍ରକ୍ରିୟା । ସାଧାରଣତଃ ପିଲାମାନେ ନାନା ପ୍ରକାର ବାହାର ଜିନିଷ ଖାଇଥାନ୍ତି, ଯାହା ପେଟରେ ଅଧିକ ଗ୍ୟାସ୍ ଉତ୍ପନ୍ନ ହେବା କିମ୍ବା ବାରମ୍ବାର ଦୂଷିତ ବାୟୁ ଛାଡ଼ିବା ବଦହଜମିର ଲକ୍ଷଣ ହୋଇପାରେ । ଗ୍ୟାସ୍ ହେବା ଏକ ସାମାନ୍ୟ ପେଟରୋଗ । ସୋଡ଼ା, ଲେମ୍ବୁ କିମ୍ବା ପୁଦିନା ଭଳି ଘରୋଇ ଚିକିତ୍ସାରେ ଏହା ଭଲ ହୋଇଯାଇଥାଏ । ଯଦି ଏହି ସମସ୍ୟା ଅଧିକ ଦିନ ଲାଗିରହେ ବା ବଢ଼ିଯାଇ ଅଧିକ ପେଟ ଯନ୍ତ୍ରଣାର କାରଣ ହୁଏ, ତା' ହେଂଲେ ଡେରି ନ କରି ଜଣେ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

### ପେଟ ଯନ୍ତ୍ରଣା

ପିଲାମାନଙ୍କଠାରେ ବ୍ୟାକ୍ଟେରିଆ ଓ ଭାଇରସ୍ ଖୁବ୍ ସହଜରେ ବ୍ୟାପି ଯାଇଥାଏ । ବିଶେଷକରି ତରକାରୀରେ ବ୍ୟବହୃତ ପନିପରିବା, ଭୋଜନରେ ସାମିଲ ଖାଦ୍ୟ ଶସ୍ୟ, ଶାଗ, ଫଳ ଆଦି ଭଲ ଭାବରେ ଧୁଆ ହୋଇନଥିଲେ ଏଭଳି ସମସ୍ୟା ଉପୁଜିବାର ଆଶଙ୍କା ଅଧିକ । ଖାଇବା ପୂର୍ବରୁ ପିଲାମାନେ ଭଲ ଭାବେ ହାତ ନ ଧୋଇବା ମଧ୍ୟ ଏହାର ଅନ୍ୟ ଏକ କାରଣ । ଏହା ବ୍ୟତୀତ ଗୋଟିଏ ଥାଳିରେ ଏକାଧିକ ସାଙ୍ଗ ମିଶି ଖାଦ୍ୟ ଖାଇଲେ ଜଣକ ହାତରେ ଥିବା ବ୍ୟାକ୍ଟେରିଆ ଭୋଜନରେ ମିଶିଥାଏ ଓ ସମସ୍ତେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ବାନ୍ତିବାନ୍ତି ମଧ୍ୟ କରିଥାନ୍ତି ।

# ସୁଖନିଦ୍ରାର ଉପାୟ

ଏବେ ଖରାଦିନ ଆସିଲାଣି । ନିଦୁଆ ଲାଗିବା ସ୍ୱାଭାବିକ । ପ୍ରାୟ ଦେଖାଯାଏ, ଅଫିସରେ ବସିଥିବା ବେଳେ ଅନିଚ୍ଛା ସତ୍ତ୍ୱେ ନିଦ ମାଡ଼ିଆସେ । ନିୟନ୍ତ୍ରଣରେ ରଖିହୁଏ ନାହିଁ । ଏହା କେବଳ ଜଣେ ଦୁଇଜଣଙ୍କ କ୍ଷେତ୍ରରେ ହୁଏନାହିଁ । ୧୦୦ରୁ୭୦ପ୍ରତିଶତ ଏବେ ଏମିତି ସମସ୍ୟାରେ । ଆଜିର ବ୍ୟସ୍ତବହୁଳ ଜୀବନରେ ନିଦ କମିବା ଏକ ସାଧାରଣ କଥା ହୋଇଗଲାଣି । ତେଣୁ ବେଳଅବେଳରେ ନିଦ ମାଡ଼ିବା ସ୍ୱାଭାବିକ । ଏଥିପ୍ରତି ସଠିକ୍ ସମୟରେ ଦୃଷ୍ଟି ନଦେଲେ ଏହା ବୃତ୍ତିଗତ ଜୀବନରେ ସମସ୍ୟାର କାରଣ ହୋଇପାରେ । କାମ ଠିକ୍‌ଭାବେ କରିହୁଏ ନାହିଁ । ନିଦ ସମସ୍ୟା ଦେଖାଦେବାର ଚାରୋଟି କାରଣ ଚିନ୍ତା, ଶରୀର ମାନ୍ଦା ଲାଗିବା, ପରିବେଶ କୋଳାହଳପୂର୍ଣ୍ଣ ରହିବା ଏବଂ ମାନସିକ ସ୍ଥିତିଠିକ୍ ନରହିବା । ଏଥିରୁ ମୁକ୍ତି ପାଇବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ।

*ଏହି ଅଭ୍ୟାସ କରନ୍ତୁ:*

- ପ୍ରତିଦିନ ବ୍ୟାୟାମ କରନ୍ତୁ ଏବଂ ପାର୍କକୁ କିଛି ସମୟ ଚାଲିବା ପାଇଁ ଯାଆନ୍ତୁ ।
- ପ୍ରତି ଦୁଇଘଣ୍ଟାରେ ଥରେ କାମରୁ ଛୋଟ ବିରତି ନେଇ ଅଫିସ ପରିସରରେ କିଛି ସମୟ ଚଲାବୁଲା କରିପାରିବେ ।
- ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଆପଣଙ୍କ ଶରୀରର ଶକ୍ତି ସ୍ତରକୁ ବଢ଼ାଇ ପାରିବ ।
- ରାତିରେ ଶୋଇବା ସମୟରେ କମ ଆଲୋକରେ ଶୋଇଲେ ଭଲ ନିଦ ହେବ ଏବଂ ଅଫିସରରେ ଆଦୌ ମାନ୍ଦା ଲାଗିବନି ।
- ଖାଦ୍ୟରେ ଓମେଗା ଥ୍ରୀ-ଫ୍ୟାଟି ଏସିଡ ଥିବା ଖାନ୍ୟ ନିଶ୍ଚୟ ସାମିଲ କରନ୍ତୁ । ଏହାଦ୍ୱାରା



ରାତିରେ ଆପଣଙ୍କୁ ଠିକ୍ ଭାବେ ନିଦ ହେବ ।

*କରିବେ ନାହିଁ:*

- ଅତ୍ୟଧିକ ମିଠା ଖାଇବା ମନା ।
- ଶୋଇବା ପୂର୍ବରୁ କିଛି ଦେଖନ୍ତୁନି କି ଇଣ୍ଟରନେଟରେ ବସନ୍ତୁ ନାହିଁ ।
- ଗୋଟିଏ ବେଡସିଟ୍ ସପ୍ତାହରରୁ ଉର୍ଦ୍ଧ୍ୱ କାଳ ବ୍ୟବହାର କରନ୍ତୁନି ।
- ଡେରି ରାତିରେ ବ୍ୟାୟାମ କରିବା ଅନୁଚିତ ।

# ପାଠପଢ଼ା ସହ ଏହି ସ୍କୁଲରେ ଝିଅମାନଙ୍କ ପାଇଁ ଯୋଗ୍ୟ ବର ଖୋଜାଯାଏ

ଝିଅମାନେ ଆଜିକାଲି ପ୍ରତି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରୁଛନ୍ତି । ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ପାଠ ପଢ଼ା ଉପରେ ଦୃଷ୍ଟି ଦିଆଯାଉଛି । ବିଶ୍ୱରେ ଏପରି ଅନେକ ସ୍କୁଲ ଅଛି ଯେଉଁଠି ଝିଅମାନଙ୍କର ଶିକ୍ଷା ଉପରେ ବିଶେଷ ଦୃଷ୍ଟି ଦିଆଯାଇଥାଏ । ହେଲେ ଆଜି ଆମେ ଯେଉଁ ସ୍କୁଲ କଥା କହିବାକୁ ଯାଉଛୁ ସେଠି କେବଳ ଭଲ ଶିକ୍ଷା ଉପରେ ଧ୍ୟାନ ନୁହେଁ ବରଂ ସ୍କୁଲ କର୍ତ୍ତୃପକ୍ଷ ଏହି ଝିଅମାନଙ୍କର ବିବାହର ଦାୟିତ୍ୱ ମଧ୍ୟ ଉଠାଇଥାଆନ୍ତି । ଗୁଜୁରାଟର ଅହମ୍ମଦାବାଦରେ ରହିଛି ଅନ୍ଧ କନ୍ୟା ପ୍ରକାଶ ଗୃହ ନାମକ ଅବାସିକ ବିଦ୍ୟାଳୟ । ଏଠାରେ ଦିବ୍ୟାଙ୍ଗ ଝିଅମାନଙ୍କୁ ଶିକ୍ଷା ଦିଆଯାଇଥାଏ, ସେମାନଙ୍କୁ ଶିକ୍ଷା ଦିଆଯାଇଥାଏ, ସେମାନଙ୍କୁ ଆତ୍ମନିର୍ଭରଶୀଳ ବନାଇବା ପାଇଁ ପ୍ରଶିକ୍ଷଣ ମଧ୍ୟ ଦିଆଯାଏ । ୧୯୫୪ ମସିହାରେ ନୀଳକାନ୍ତ ରାୟ ଛତ୍ରପତିଙ୍କ ଦ୍ୱାରା ଏହି ସ୍କୁଲର ଶୁଭାରମ୍ଭ କରାଯାଇଥିଲା । ବର୍ତ୍ତମାନ ଏହି ସ୍କୁଲ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି । ଦିବ୍ୟାଙ୍ଗ ଝିଅମାନେ ପାଠ ପଢ଼ିବା ସହ ନିଜକୁ ଆତ୍ମନିର୍ଭରଶୀଳ କରିବାରେ ସଫଳ ହେଉଛନ୍ତି, ସୁଖ ବୈବାହିକ ଜୀବନ ମଧ୍ୟ କାଟୁଛନ୍ତି । ବର୍ତ୍ତମାନ ଅନ୍ଧକନ୍ୟା ପ୍ରକାଶଗୃହ ନାମକ ଏକ ସଂସ୍ଥା ଏହି ବିଦ୍ୟାଳୟର ଦାୟିତ୍ୱ ନେଇଛି ।

# ଲୁଚିଛପି ଭାଷା ଶିଖନ୍ତି ପକ୍ଷୀ



ଜଙ୍ଗଲରେ ରହୁଥିବା ଭିନ୍ନଭିନ୍ନ ପ୍ରଜାତିର ପକ୍ଷୀମାନେ ପରସ୍ପରର ଭାଷା ବୁଝିପାରୁନଥିବା ବେଳେ ସେମାନେ କିନ୍ତୁ ବିଦେଶୀ ଭାଷା ଶିଖିବାରେ ପାରଙ୍ଗମ । ଏଥିରୁ ସେମାନେ ବାଜପକ୍ଷୀ, ସାପ ତଥା ଶିକାରୀଙ୍କ ପରି ଶତ୍ରୁ ଆସୁଥିବା ନେଇ ସୁରାକ ପାଇପାରନ୍ତି । ଅନେକ କ୍ଷେତ୍ରରେ ପକ୍ଷୀ କାନଡେରି କଥା ଶୁଣୁଥିବାର ଦୃଶ୍ୟ ସେମାନଙ୍କର ଏହି ଗୁଣକୁ ଦର୍ଶାଏ । ନିକଟରେ କରେଣ୍ଟ ବାୟୋଲୋଜି ନାମକ ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟରେ ପକ୍ଷୀମାନଙ୍କର ଏହି ଦକ୍ଷତା ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଅଷ୍ଟ୍ରେଲୀୟା ପକ୍ଷୀ ସଙ୍ଗବାର୍ଡ ଏତେ ବୁଦ୍ଧିଆ ଯେ ଅନ୍ୟ ପକ୍ଷୀମାନଙ୍କ ଭାଷା ବୁଝି ଏହାକୁ ଅନୁବାଦ କରିଦେଇଥାଏ । ବ୍ରିଷ୍ଟଲ ବିଶ୍ୱ ବିଦ୍ୟାଳୟର ଜୀବବିଜ୍ଞାନୀ ଆଣ୍ଡ୍ର୍ୟୁ ରଡଫୋର୍ଡଙ୍କ କହିବା ଅନୁସାରେ, କେତେକ ପଶୁ ଅନ୍ୟ ପ୍ରଜାତିର ଭାଷା ବୁଝିପାରୁଥିବା ଜଣାଥିଲେ ମଧ୍ୟ ସେମାନେ ଏହା କିପରି କରିଥାନ୍ତି, ତାହା ଜଣାପଡ଼ିନାହିଁ । ପକ୍ଷୀମାନଙ୍କ ମଧ୍ୟରେ କେତେକ ଜନ୍ମଜାତ ଗୁଣ ରହିଥିଲାବେଳେ ଆଉ କିଛି କଥା ସେମାନେ ନିଜ ଅନୁଭବରୁ ଶିକ୍ଷା କରିଥାନ୍ତି । ଦଳରେ ଥାଇ ସେମାନେ ଏପରି ଶିକ୍ଷାଗ୍ରହଣ କରିବାର ରହସ୍ୟ ଜାଣିବା ପାଇଁ ବୈଜ୍ଞାନିକମାନେ ଗବେଷଣା ଚଳାଇଥିଲେ । ଅଷ୍ଟ୍ରେଲିଆ ନପ୍ୟାସନାଲ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏଥିପାଇଁ ପ୍ରଥମେ ଅଣ ଅଷ୍ଟ୍ରେଲୀୟ ଥର୍ଣ୍ଣବିଲ ପକ୍ଷୀକୁ ସାମିଲ କରିଥିଲେ ।

# ଭେଜ କଟଲେଟ୍

**ପାଳଙ୍ଗ ଶାଗରେ ପ୍ରଚୁର ଭିଟାମିନ ରହିଛି । ହେଲେ, ଶାଗ ନାଁ ଶୁଣିଲେ ପିଲାମାନେ ସାଧାରଣତଃ ଖାଇବାକୁ ପସନ୍ଦ କରନ୍ତି ନାହି । ସେମାନଙ୍କ ପାଇଁ ଏହି ଖାଦ୍ୟଟି ପ୍ରସ୍ତୁତ କରିପାରନ୍ତି ।**




*ଆବଶ୍ୟକ ସାମଗ୍ରୀ*

୬ଟି ବଡ ଟମାଟୋ, ଗୋଟିଏ କପ୍ ବୁଟ ଡାଲି, ୨ଚାମଚ କିସମିସ, ୫ବିଡ଼ା ପାଳଙ୍ଗ ଶାଗ, ୧ଚାମଚ ତେନ୍ତୁଳି ମଣ୍ଡ, ୩ଟି ଗାଜର (ଛୋଟଛୋଟ କଟା ହୋଇଥିବ), ଦେଢ଼ ଚାମଚ ଗରମ ମସଲା , ୩ଟି ପିଆଜ (କଟା ହୋଇଥିବ), ଦେଢ଼ ଚାମଚ ଲେଖାଏ ଜିରା ଗୁଣ୍ଡ, ଲଙ୍କାଗୁଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ ।

*ପ୍ରସ୍ତୁତି:*

ପ୍ରଥମେ ବୁଟ ଡାଲିକୁ ୬ଘଣ୍ଟା ପାଣିରେ ବତୁରାଇ ରଖନ୍ତୁ । ଟମାଟୋକୁ ଅଳ୍ପ ପାଣି ଦେଇ ଶିଝାନ୍ତୁ ଏବଂ ଅନ୍ୟ ଏକ ପାତ୍ରରେ ପାଳଙ୍ଗ ଶାଗ ଶିଝାନ୍ତୁ । ଆଞ୍ଚ କମ କରି ଏହାକୁ ଶିଝିବା ପର୍ଯ୍ୟନ୍ତ ରାନ୍ଧିବେ । ଶିଝିଯିବା ପରେ ଉଭୟ ଟମାଟୋ ଏବଂ ପାଳଙ୍ଗ ଶାଗରୁ ପାଣି କାଢ଼ିଦେବେ । ବତୁରା ଯାଇଥିବା ବୁଟଡାଲି ପାଳଙ୍ଗ ଶାଗରେ ମିଶାଇ ପାଣି ନଦେଇ ଗ୍ରାଇଣ୍ଡରରେ ଭଲଭାବେ ବାଟି ଦିଅନ୍ତୁ । କଡ଼େଇରେ ତେଲ ଦେଇ କଟା ପିଆଜ ଦିଅନ୍ତୁ । କିଛି ସମୟ ଭାଜିବା ପରେ ଶିଝା ଟମାଟୋ, ଗରମ ମସଲା, ଲଙ୍କାଗୁଣ୍ଡ ଏବଂ ଲୁଣ ଦେଇ ଏହାକୁ ଭଲଭାବେ କଷିଦେବେ । ଏବେ ଏହି ମିଶ୍ରଣକୁ କଟଲେଟ ଆକାରରେ ତେଲ ଦେଇ ଫ୍ରାଏ କରନ୍ତୁ । ପ୍ରସ୍ତୁତ ହୋଇଗଲା ଭେଜ କଟଲେଯ । ଏହାକୁ ଧନିଆ କିମ୍ବା ପୋଦିନା ଚଟଣି ସହିତ ପରଷି ଦିଅନ୍ତୁ ।

## ସାୟା ବି କରାଇପାରେ ଚର୍ମ କର୍କଟ !

*ସାୟା ଓ ଘାଗରା ଜାତୀୟ ପୋଷାକ ଯୋଗୁଁ ଏକ ପ୍ରକାରର ଚର୍ମ କର୍କଟ ହୋଇପାରେ। କୌଣସି ବସ୍ତ୍ରକୁ ସବୁ ବେଳେ ଶରୀରର ନିର୍ଦ୍ଦିଷ୍ଟ ସ୍ଥାନରେ ଭିଡ଼ି ବାନ୍ଧିଲେ, ପିଗ୍‌ମେଣ୍ଟେସନ୍ ହୋଇପାରେ। ଠିକ୍ ସମୟରେ ଏହାର ଚିକିତ୍ସା କରାନଗଲେ, କର୍କଟରେ ପରିଣତ ହେବାର ଆଶଙ୍କା ଅଧିକ। ସାୟାରେ ବନ୍ଧାଯାଉଥିବା ଡୋରି ଏଥିପାଇଁ ଦାୟୀ। ତେବେ, ମୋଟା କମରବନ୍ଧ ବା ବେଲ୍‌ଟ କର୍କଟ କରାଏନାହିଁ।। ଚାଳିଶ ବର୍ଷରୁ ଅଧିକ ବୟସ୍କା ମହିଳାଙ୍କ କ୍ଷେତ୍ରରେ ସଦାୟା କର୍କଟ ଦେଖାଯାଉଛି। ପ୍ରାଥମିକ ସ୍ତରରେ ଚିହ୍ନଟ କରାଯାଇ ନପାରିଲେ, ଏହାର ଚିକିତ୍ସା ବେଶ୍ ବ୍ୟୟବହୁଳ। ତେଣୁ, ନିର୍ଦ୍ଦିଷ୍ଟ ସ୍ଥାନରେ ସବୁ ବେଳେ ସାୟା ନ ବାନ୍ଧିବା ଏବଂ ହାଲୁକା ଭାବେ ବାନ୍ଧିବା ଲାଗି ଚିକିତ୍ସା ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି।*

# ଶୟନ କକ୍ଷରେ ଶାନ୍ତି ରହିବ



ଘରର ଏକ ପ୍ରମୁଖ ସ୍ଥାନ ଶୟନକକ୍ଷ । କାରଣ, ଏଠାରେ ସାରାଦିନର ବ୍ୟସ୍ତତା ପରେ ମଣିଷ ବିଶ୍ରାମ କରିଥାଏ । ଯେତେ ସୁନ୍ଦର କକ୍ଷ ଘର ଭିତରେ ଥିଲେ ମଧ୍ୟ ନିଜ ଶୟନକକ୍ଷ ଅତି ଆପଣାର ଲାଗେ । ହେଲେ ଅନେକ ଥର ଦେଖାଯାଏ, ଶୟନକକ୍ଷ ତଥା ପଲଙ୍କ ବାସ୍ତୁର ବିପରୀତ ଦିଗରେ ଥିଲେ ଏହାର ପ୍ରଭାବ ମଣିଷର କାର୍ଯ୍ୟକ୍ଷମତା ତଥା ଦାମ୍ପତ୍ୟ ଜୀବନ ଉପରେ ପଡ଼େ । ତେଣୁ ବାସ୍ତୁ ଅନୁସାରେ ଶୟନ କକ୍ଷରେ ସାମାନ୍ୟ ପରିବର୍ତ୍ତନ ଆଣିଲେ ଏହା ଜୀବ ନରେ ଶାନ୍ତି ଭରିଦେଇପାରେ । ଶୟନ କକ୍ଷରେ ଝରକା ତ ନିଶ୍ଚୟ ରହି ବା ଦରକାର । ସକାଳ ସୂର୍ଯ୍ୟକିରଣ ଶୟନକକ୍ଷରେ ପ୍ରବେଶ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ମୁଖ୍ୟଦ୍ୱାର ଦିଗକୁ ଗୋଡ଼ କରି ଶୁଅନ୍ତୁ ନାହିଁ । ପଲଙ୍କ ସମ୍ମୁଖରେ ମଧ୍ୟ ଦର୍ପଣ ରଖିବା ମନା । ଏହା ମନ ବିଚଳିତ କରେ । ପତି-ପତ୍ନୀଙ୍କ ପ୍ରତୀକ ଭାବେ ଦୁଇଟି ସୁନ୍ଦର ଫୁଲଦାନି ଶୟନକକ୍ଷରେ ରଖନ୍ତୁ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହେବ । ଯଦି ଆର୍ଥିକ ସ୍ଥିତି ଯୋଗୁ ଦାମ୍ପତ୍ୟରେ ସମସ୍ୟା ହେଉଛି ତେବେ ଏକ ସୁନ୍ଦର ପାତ୍ରରେ ଚାଉଳ ଦାନା ସହ ପବିତ୍ର କ୍ରିଷ୍ଟାଲ ରଖନ୍ତୁ । ପଲଙ୍କ ଦକ୍ଷିଣ ଦିଗକୁ ରଖନ୍ତୁ ଯେପରିକି ଶୋଇବା ସମୟରେ ମୁଣ୍ଡ ଉତ୍ତର ଦିଗକୁ ରହିବ । ଏପରି ହୋଇନପାରିଲେ ପଶ୍ଚିମ ଦିଗରେ ପଲଙ୍କ ରଖାଯାଇପାରେ ଏବଂ ଶୋଇଲା ବେଳେ ମୁଣ୍ଡ ପୂର୍ବଦିଗକୁ ରଖିବେ । ଘରର ମୁଖ୍ୟ ଶୟନ କକ୍ଷ ନୈରତ (ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ ଭାଗରେ କାଚ କିମ୍ବା ସେରାମିକ୍ ପାତ୍ରରେ ଛୋଟଛୋଟ ପଥର ବା କ୍ରିଷ୍ଟାଲ ପକାଇ ଲାଲ ରଙ୍ଗର ଦୁଇଟି ମହମବତି ଜଳାନ୍ତୁ । ଏହା ସକାରାତ୍ମକ ଶକ୍ତି ପ୍ରବାହରେ ସହାୟକ ହେବ । ସେରାମିକ୍ ୱିଣ୍ଡ ଚାଇମ୍ସ ବି ବ୍ୟବହାର କରିପାରିବେ । ତେବେ ଶୟନକକ୍ଷରେ ଯେପରି ଅଳିଆ ଜମା ନହୁଏ ଏବଂ କୌଣସି ଧୂଳି ଧୂସରିତ ବସ୍ତୁତ ନରହେ, ସେଥିପ୍ରତି ସତର୍କ ରହିବେ । ଝରକା ସାମ୍ନାରେ ଡ୍ରେସିଂ ଟେବୁଲ ରଖିବେନି କିମ୍ବା କୌଣସି ଫର୍ଣ୍ଣିଚର ଯେପରି ଧନୁ, ଅର୍ଦ୍ଧଚନ୍ଦ୍ର କିମ୍ବା ବୃତ୍ତାକାର ନହୁଏ- ସେଥିପ୍ରତି ଦୃଷ୍ଟି ଦେବେ । ଏପରି ହେଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଶୟନକକ୍ଷରେ ଲାଲ କିମ୍ବା ଗୋଲାପୀ ରଙ୍ଗର ବ୍ୟବହାରକୁ ଗୁରୁତ୍ୱ ଦେବେ । ସୁନ୍ଦର ପକ୍ଷୀମାନଙ୍କର ଛୋଟ ଯୋଡ଼ି ଶୟନକକ୍ଷରେ ରଖନ୍ତୁ । ଏଥିରେ ଦାମ୍ପତ୍ୟ ଜୀବନ ସୁଖଦ ରହିବ । ପାଣି ବା ଜଳପ୍ରପାତ ଥିବା ଫଟୋ ଆଦୌ ରଖନ୍ତୁ ନାହିଁ ।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିଷ ବଳୟରେ ମଣିଷ...

ଗତ କିଛିଦିନ ଧରି ରାଜ୍ୟରେ ବହୁ ଜାଗାରେ ଚାଲିଛି ଚଢ଼ାଉ। ପୁଲିସ କେଉଁଠି ନକଲି ଫ୍ୟାକ୍ଟ୍ରି ଉପରେ ଚଢ଼ଉ କରୁଛି ତ' ଆଉ କେଉଁଠି ଅବକାରୀ ଗୁଇନ୍ଦା ପକ୍ଷରୁ ବ୍ୟାପକ ତଲାସି ଚାଲିଛି। କେତେଦିନ ତଳେ କଟକ ମହାନଗରର ଜଗତପୁର ଶିଳ୍ପାଂଚଳର କେତୋଟି ୟୁନିଟରେ ଚଢ଼ାଉ କରାଯାଇ ଭେଜାଲ ଘିଅ, ସସ୍ ଓ ମସଲା ଜବତ କରାଯାଇଥିଲା। ବ୍ରାଣ୍ଡେଡ୍ ସାମଗ୍ରୀ ବସ୍ତା ବସ୍ତା ଜବତ ହେବା ସମସ୍ତଙ୍କୁ ତାଜୁବ୍ କରି ଦେଇଥିଲା। ତାହାର କିଛି ଦିନ ବ୍ୟବଧାନରେ ବଜାରରେ ଲୋକପ୍ରିୟ ଚା' ଗୁଣ୍ଡର ହଜାର ହଜାର ପାଉଚ୍ ଜବତ କରାଗଲା। ଭୁବନେଶ୍ୱର ଓ କଟକ ଖାଲି ନୁହେଁ, ବ୍ରହ୍ମପୁରର ବଡ଼ବଜାର ସମେତ ବିଭିନ୍ନ ଅଂଚଳରେ ନକଲି ସସ୍, ଗୁଟ୍‌ଖା, ଲଙ୍କା ଓ ହଳଦୀଗୁଣ୍ଡ ପ୍ୟାକେଟ କାରଖାନା ଜବତ ହୋଇଛି। ଏହି କାରନାମା ଏମିତିରେ ବର୍ଷ ବର୍ଷ ଧରି ଚାଲିଆସିଛି। ଜାଲ ଓ ଭେଜାଲ କାରବାର ମଧ୍ୟ ଚାଲିଆସୁଛି ଖୋଲା ଖୋଲି। ପୂର୍ବଦିନେ ବଲାଙ୍ଗୀର ଜିଲ୍ଲାର କଂଟାବାଂଜି ଅଂଚଳରେ ନକଲି ଔଷଧ ବିପୁଳ ପରିମାଣରେ ଗଛିତ ହୋଇଥିବା ଏବଂ ପରିତ୍ୟକ୍ତ କୂଅରୁ ଜବତ କରାଯାଇଥିଲା। ସେ ସମୟରେ ତାହା ସମଗ୍ର ରାଜ୍ୟରେ ହଇଚଇ ଖେଳାଇ ଦେଇଥିଲା। ସେହି କ୍ରମରେ ଦେଶ ଓ ରାଜ୍ୟରେ କେତେ ଯେ ଜାଲିଆତି, ଭେଜାଲ କାରବାର ହୋଇ ଚାଲିଛି, ତାହାର ହିସାବ ନାହିଁ। ବର୍ଷ ବର୍ଷ ଧରି ଚାଲିଆସିଥିବା ଏଭଳି କାରବାର ଖାଉଟିମାନଙ୍କ ଜୀବନ ସହ ଖେଳାଯିବା ସହ ସମାନ। ଖାଉଟୀ ସାମଗ୍ରୀରେ ଭେଜାଲ କାରବାର ନ୍ୟସ୍ତସ୍ୱାର୍ଥ ଓ ମୁନାଫାଖୋର ବେପାରୀମାନଙ୍କ ଦ୍ୱାରା କରାଯାଉଛି। ଯେଉଁ ବ୍ରାଣ୍ଡବାଲା ଜିନିଷ ବଜାରରେ ଭଲ ଚାଲୁଛି, ସେଗୁଡ଼ିକର ଚାହିଦା ବଢ଼ି ଚାଲିବା ସ୍ୱାଭାବିକ। ତାହାର ପୂରା ଫାଇଦା ଏହି ବେପାରୀମାନେ ଉଠାଉଛନ୍ତି। ଅସଲି ଚିଜ ଜାଗାରେ ଯଦି ଶସ୍ତାରେ ନକଲି ମାଲ୍ ମିଳିଯାଉଛି, ସେଥିରେ ଅସାଧୁ ବ୍ୟବସାୟୀ ମହଲ ଖୁସ୍। ଖୋଜିଲେ ଏଭଳି କୌଣସି ଶିଳ୍ପାଂଚଳ ନଥିବ, ଯେଉଁଠି କି ନକଲି ଓ ଭେଜାଲ ସାମଗ୍ରୀ ଉତ୍ପାଦନର କାରଖାନା ବୋଧହୁଏ ନଥିବ। ନଗଦ ଲାଭ ଓ ଗ୍ରାହକ ତୋଷଣ ଭଳି ନୀତି ଆପଣାଉଥିବା ବ୍ୟବସାୟୀମାନେ ହେଉଛନ୍ତି ସମାଜର ଶତ୍ରୁ। ମାତ୍ର ଆମ ବ୍ୟବସ୍ଥା ଏଭଳି ହୋଇସାରିଛି, ସମାଜର ଶତ୍ରୁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କିଛି ଆଖି ଦୃଶିଆ ବ୍ୟବସ୍ଥା ନାହିଁ। ଯାହା ବି ଅଛି, ତାହାର କାର୍ଯ୍ୟକାରିତା ନେଇ ନାହିଁ ଆବଶ୍ୟକ ନିଷ୍ଠା ବା ଆନ୍ତରିକତା। ଭେଜାଲ ଔଷଧ ବ୍ୟବହାର କଲେ ରୋଗୀର ପ୍ରାଣ ଚାଲିଯିବ, ଏହା କାହକୁ ଜଣାନାହିଁ। ହେଲେ ଭେଜାଲ ଔଷଧ ପ୍ରସ୍ତୁତ ଓ ବିକ୍ରି କରି ଲୋକମାନଙ୍କ ଜୀବନ ନେବାପାଇଁ ଉଦ୍ଦିଷ୍ଟ ବିଷବଳୟ ମଧ୍ୟକୁ ଠେଲି ହୋଇଯିବା କେତେବଡ଼ ମହଙ୍ଗା ଖେଳ, ତାହା ପ୍ରତି ଆଖିବୁଜି ଦିଆଯିବ କେତେଦୂର ଅମାନବୀୟ କାର୍ଯ୍ୟ। ରାସ୍ତାକଡ଼ ଛିଡ଼ା ଜଳଖିଆ ଦୋକାନରେ ଛଣାଛଣି, ଚଟପଟି ଖାନା ହେଉ କି' ଢ଼ାବା, ହୋଟେଲରେ ଅପମିଶ୍ରିତ ତେଲରେ ପ୍ରସ୍ତୁତ ଖାଦ୍ୟ ଭୋଜନ ପାଇଁ କିଭଳି ରୋଗବ୍ୟାଧିକୁ ଆମନ୍ତ୍ରଣ କରାଯାଉଛି, ତାହାର ଉଦାହରଣ ଦେଖାଯିବା ଦରକାର ନାହିଁ। ଯଦି ଚାକୁଣ୍ଡା ପତ୍ରର ଶୁଖାଯାଇ ବ୍ରାଣ୍ଡେଡ୍ ଚା'ପତି ପ୍ୟାକେଟ କାରଖାନା ଚାଲିଆସୁଛି, ସେମିତି କରତଗୁଣ୍ଡ ଓ ଖୁଦ ମିଶାଯାଇ ବସ୍ତାବସ୍ତା ହଳଦୀ ପ୍ୟାକେଟ ବଜାରକୁ ଛଡ଼ାଯାଉଛି। ଏହାର କୁପରିଣତି ସମସ୍ତଙ୍କୁ ଭୋଗିବାକୁ ପଡୁଛି। ଯଦି ନକଲି ଦୁଧଗୁଣ୍ଡ ଡବା ସିଲ୍ କୌଶଳ କରାଯାଇ ବଜାରକୁ ଛଡ଼ାଯାଇଛି, ତାହା ବ୍ୟବହାର କରୁଥିବା ଭବିଷ୍ୟତର ନାଗରିକ କୁହାଯାଉଥିବା ଶିଶୁମାନଙ୍କୁ ଅକାଳରେ ତୋଟି ଚିପାଯାଇ ମାରିଦିଆଯାଉଛି ବୋଲି କହିହେବ। କି' ଔଷଧ, କି ହଳଦୀଗୁଣ୍ଡ ଓ ସସ୍ ବୋତଲ, କୌଣସିଟି ବାଦ୍ ପଡ଼ିନାହିଁ ଭେଜାଲ କାରବାରରୁ। ଏପରିକି ନାମୀ ଡିଟରଜେଂଟ ବ୍ରାଣ୍ଡ ସର୍ଫ ନାମରେ ଭେଜାଲ ମଧ୍ୟ ବସ୍ତାବସ୍ତା ଧରାପଡୁଛି। ତେଣୁ ସରକାର କଳାବଜାରୀ-ଭେଜାଲ ବେପାରୀମାନଙ୍କର ବିଷଚକ୍ରକୁ ପୂରା ଖତମ କରିବାକୁ କଡ଼ାରୁ ଅଧିକ କଡ଼ା କାର୍ଯ୍ୟାନୁଷ୍ଠାନ କରିବା ଜରୁରି। ଆଇନ ତ' ଏମିତି ଅଛି, ତାହାର କାର୍ଯ୍ୟକାରିତାରେ ଢ଼ିଲମିର ପୂରା ଫାଇଦା ମାରୁଛନ୍ତି ମୁନାଫାଖୋରମାନେ। ତେଣୁ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଜାଲ ପକାଇ ଧରିବା ନ୍ୟାୟରେ ସମାଜର ଶତ୍ରୁମାନଙ୍କ ନିପାତ କରିବା ସକାଶେ ସଶକ୍ତ ଅଭିଯାନ କରାଗଲେ ହୁଏତ ସମାଜବିରୋଧୀଙ୍କ ଭିତରେ ଭୟ ସଂଚାର ହୁଅନ୍ତା ବୋଲି ତଦ୍‌ବିଦ୍ ମହଲର ବିଚାର।

## କବିତା କୋଣାର୍କ

### ବନ୍ଦେ ମାତରଂ ...

ସୁଧାକର ରାଉତ

ନୁହେଁ ତ ଏହା ଜାତୀୟ ସଂଗୀତ
ନୁହେଁ ପୁଣି ଏ ସାଧାରଣ ଗୀତ
ତଥାପି ଏ ପରା ବହୁ ଚର୍ଚ୍ଚିତ
ଏ ଯେ ବନ୍ଦେ ମାତରଂ
ମାତୃଭୂମିର ପଦ ବନ୍ଦନାରେ
ଇଏ ଅଟେ ଅନୁପମ।
ହୋଇପାରେ ଏ ଦେଶାତ୍ମବୋଧକ
ଜାତି ପ୍ରାଣେ ଏ ଜଗାଏ ପୁଲକ
ସ୍ୱାଧୀନତା ବଳୀଦାନ ଝଲକ
ସୃଷ୍ଟି କରେ କ୍ଷଣକରେ
ହୃଦୟ ସ୍ପର୍ଶୀ ଏହାକୁ ଗାନକଲେ
ବୀରତ୍ୱ ଆସେ ପ୍ରାଣରେ।
କ୍ରାନ୍ତିକାରୀ ଏ ପବିତ୍ର ସ୍ଲୋଗାନ
ଉଚ୍ଚାରି ଦେଶବାସୀଙ୍କୁ ଆହ୍ୱାନ
ମାତୃଭୂମିର ଶୃଙ୍ଖଳକୁ ଛିନ୍ନ
କରିବାକୁ ପରିଶେଷେ
ଫାଶୀରେ ଝୁଲିଲେ କେତେ ଯେ
ସହିଦ୍
ତାଙ୍କ କଥା ଦେଶ ଘୋଷେ।
ବିପ୍ଳବର ଇଏ ଶାଣିତ ସ୍ୱରର
ପ୍ରାଣ ସ୍ପନ୍ଦନ ଭାରତ ମାତାର
ଭାରତୀୟଙ୍କୁ କରି ଏକାକାର
ମନରେ ଭରେ ଆବେଗ
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ
ଆଦରନ୍ତି ସବୁ ବର୍ଗ।
ସୁଜଳା ସୁଫଳା ଆମ ଭାରତ
ତାର ବିକାଶରେ ହୋଇବା ରତ
ବୁହାଇ ଦେଇ ଏକତା ସରିତ
ବନ୍ଦେ ମାତରମ ଗାନେ
ଗଗନ ପବନ ପ୍ରକମ୍ପିତ ହେବ
ଜାଗି ଉଦ୍ଦୀପନା ମନେ।


+ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨


# ଭାରତ ଶାସନ : ଆମ ସଂବିଧାନ





ବିପିନ ବିହାରୀ ମହାନ୍ତି


ଭାରତୀୟ ସମ୍ବିଧାନ ପୃଥିବୀର ସର୍ବବୃହତ୍ ଲିପିବଦ୍ଧ ଦଲିଲ୍ ଅଟେ। ଏଥିରେ ୩୯୫ଟି ଧାରା ଏବଂ ୧୨ଗୋଟି ଅନୁଚ୍ଛେଦ ଅଛି। ତା' ସହିତ ବହୁ ସଂଖ୍ୟକ ଆମେଣ୍ଡମେଣ୍ଟସ୍ ବା ସଂଶୋଧନୀ ଅଛି। ଏହା ସରକାରଙ୍କର ମୂଳ ଆଧାର ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ - ଶାସନ, ବ୍ୟବସ୍ଥାପକୁ ତଥା ବିଚାର ବିଭାଗର ଦିଗଦର୍ଶକ; ଏହା କ୍ଷମତା ଓ କର୍ତ୍ତବ୍ୟ ତଥା ସରକାର ଓ ଜନସାଧାରଣଙ୍କର ସଂପର୍କର ସଂଯୋଗ ସାରଣୀ; ଏହା ମଧ ଜାତୀୟ ଲକ୍ଷ୍ୟ ଯଥା ଗଣତନ୍ତ୍ର, ସମାଜବାଦ, ନିରପେକ୍ଷବାଦ ଏବଂ ଜାତୀୟ ସଂହିତିର ବାଖ୍ୟାକାର ଅଟେ; ଏ ସଂବିଧାନ ଭାରତର ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କର ସର୍ବୋତ୍ତମ ପବିତ୍ର ଏବଂ ଗୀତାସଦୃଶ।


ଭାରତୀୟ ସମ୍ବିଧାନ ପୃଥିବୀର ସର୍ବବୃହତ୍ ଲିପିବଦ୍ଧ ଦଲିଲ୍ ଅଟେ। ଏଥିରେ ୩୯୫ଟି ଧାରା ଏବଂ ୧୨ଗୋଟି ଅନୁଚ୍ଛେଦ ଅଛି। ତା' ସହିତ ବହୁ ସଂଖ୍ୟକ ଆମେଣ୍ଡମେଣ୍ଟସ୍ ବା ସଂଶୋଧନୀ ଅଛି। ଏହା ସରକାରଙ୍କର ମୂଳ ଆଧାର ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ - ଶାସନ, ବ୍ୟବସ୍ଥାପକୁ ତଥା ବିଚାର ବିଭାଗର ଦିଗଦର୍ଶକ; ଏହା କ୍ଷମତା ଓ କର୍ତ୍ତବ୍ୟ ତଥା ସରକାର ଓ ଜନସାଧାରଣଙ୍କର ସଂପର୍କର ସଂଯୋଗ ସାରଣୀ; ଏହା ମଧ ଜାତୀୟ ଲକ୍ଷ୍ୟ ଯଥା ଗଣତନ୍ତ୍ର, ସମାଜବାଦ, ନିରପେକ୍ଷବାଦ ଏବଂ ଜାତୀୟ ସଂହିତିର ବାଖ୍ୟାକାର ଅଟେ; ଏ ସଂବିଧାନ ଭାରତର ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କର ସର୍ବୋତ୍ତମ ପବିତ୍ର ଏବଂ ଗୀତାସଦୃଶ। ଏହା ଏପରି ଏକ ନଥି ଯାହା ଆମ୍ଭମାନଭ୍‌କୁ ଗଣତାନ୍ତ୍ରିକ ଭାବଧାରାରେ ସ୍ପନ୍ଦିତ କରାଏ, ଏହା ଆମ ଅଧିକା. କର୍ତ୍ତବ୍ୟ ଏବଂ ଆମ ସୁରକ୍ଷା ନେଇ ଆମ ଆଦର୍ଶକୁ ସୂଚାଇ ଏହାର ଧାରା ଏବଂ ଅନୁଚ୍ଛେଦମାନଙ୍କରେ ସ୍ପଷ୍ଟ ବର୍ଣ୍ଣନା କରାଇଥାଏ। ଏହାର ପ୍ରସ୍ତୁତ ଚିଠା ବହୁଳ ଭାବରେ ଯୁକ୍ତିଯୁକ୍ତ ଆଧାର ଉପରେ ପ୍ରତିଷ୍ଠିତ ଏବଂ ଭାରତ ପରି ଏକ ବିଶାଳ ଦେଶ ପାଇଁ ଜନକଲ୍ୟାଣ ବା ମଙ୍ଗଳକାରୀ ଅଟେ।

ଏହି ସଂବିଧାନ ୨୬ ନଭେମ୍ବର ୧୯୪୯ ମସିହାରେ ଏକ ସଂବିଧାନ ପ୍ରଣୟନକାରୀ ସଂସ୍ଥାଦ୍ୱାରା ପ୍ରଣୀତ, ଗୃହୀତ ବା ପାରିତ ହେଲା ଏବଂ ପରେ ୨୬ ଜାନୁୟାରୀ ୧୯୫୦ ମସିହାରେ କାର୍ଯ୍ୟକାରୀ ହେଲା। ଏହି ଦିବସଠାରୁ ଭାରତ ଏକ ସଂପୂର୍ଣ୍ଣ ଗଣତାନ୍ତ୍ରିକ, ସାଧାରଣ ତନ୍ତ୍ର, ସମାଜବାଦ, ଧର୍ମ ନିରପେକ୍ଷ ଏବଂ ସାର୍ବଭୌମ ରାଷ୍ଟ୍ରରୂପେ ପରିଗଣିତ ହେଲା। ସ୍ୱାଧୀନତା ପ୍ରାପ୍ତିର ପର ଠାରୁ ଏହି ଦିବସ ଯାଏଁ ଆମେ ସାର୍ବଭୌମ ନଥିଲୁ। କାରଣ ଆମକୁ ଆମେ ଶାସନ କରିବା ନିମନ୍ତେ ଆଇନ ବା ସଂବିଧାନ ପ୍ରଣୟନ କରିନଥିଲୁ। ଏ ନେଇ ଆମେ ଇଂରେଜ ସରକାରଙ୍କ ଉପରେ ନିର୍ଭରଶୀଳ ଥିଲୁ। ଏବେ ଆମେ ବାହ୍ୟଶକ୍ତିତ ପ୍ରଭାବରୁ ମୁକ୍ତ ଏବଂ ଆନ୍ତଃବ୍ୟାପାର ନେଇ ଆମେ ସର୍ବେସର୍ବା।

ଆସନ୍ତୁ ଆମ ସଂବିଧାନ ପ୍ରଣୟନ କିପରି ହେଲା, ସେ ବିଷୟରେ ଜାଣିବା :

- ସଂବିଧାନ ପ୍ରଣୟନକାରୀ ବିଧାନ ସଭାର ସଭ୍ୟ ସଂଖ୍ୟା : ୩୦୮
- ଏହାର ପ୍ରଥମ ଅଧବବେଶନ ବସିଥିଲା : ୯ ଡ଼ିସେମ୍ବର ୧୯୪୬।
- କାର୍ଯ୍ୟକାରୀ ହେବା ନିମନ୍ତେ ଗୃହୀତ ଚିଠା ବା ଶେଷ ଅଧିବେଶନ : ୨୯ ନଭେମ୍ବର ୧୯୪୯।
- ପ୍ରସ୍ତୁତ ପାଇଁ ମୋଟ ସମୟ ନିୟୋଜନ : ୨ବର୍ଷ ୧୧ମାସ ୧୮ଦିନ।
- ଏହାର ସେସନ ସଂଖ୍ୟା : ୧୧।
- ପରିଦର୍ଶକମାନଙ୍କ ସଂଖ୍ୟା : ୫୩,୦୦୦।
- ପ୍ରଣୟନକାରୀ ସଂସ୍ଥାଦ୍ୱାରା ପ୍ରସ୍ତୁତ ଚିଠା : ୩୧୫ଧାରା ଏବଂ ୮ ଅନୁଛେଦ।
- ମୋଟ ସଂଖ୍ୟକ ସଂଶୋଧନୀ ଚିଠା ଉପରେ ବିଜ୍ଞାପନ ଅଧାରିତ ବିଚାର : ୭୬୩୫
- ପ୍ରକୃତରେ ସଂଶୋଧନ ପାଇଁ ବିଚାରଭୁକ୍ତ ସଂଖ୍ୟା: ୨୪୭୩।
- ସଂବିଧାନର ଶେଷ ଚିଠା ରୂପ : ୩୯୫ ଧାରା ଏବଂ ୮ ଅନୁଛେଦ।

ଏବେ ଆମ ଦେଶର ସଂବିଧାନ ପ୍ରଣୟନ ଚିଠାର ସମୟ ଓ ଧାରା ସହିତ ଆଉ କିଛି ଦେଶକୁ ତୁଳନାତ୍ମକ ଭାବେ ବିଚାରକୁ ନେବା।

| ଦେଶ | ସମୟ | ଧାରା |
|---|---|---|
| ଯୁକ୍ତରାଷ୍ଟ୍ର | ୪ମାସ | ୭ |
| କାନାଡ଼ା | ୨ବର୍ଷ ୫ମାସ | ୧୪୭ |
| ଅଷ୍ଟ୍ରେଲିଆ | ୯ବର୍ଷ | ୧୨୮ |
| ଦକ୍ଷିଣ ଆଫ୍ରିକା | ୧ବର୍ଷ | ୧୫୩ |
| ଭାରତ | ୨ବର୍ଷ ୧୧ମାସ ୧୮ଦିନ | ୩୯୫ ଧାରା, ୮ ଅନୁଛେଦ ଏବଂ ୨୪୭୩ ସଂଶୋଧନୀ। |

ଆମ ସଂବିଧାନ ପ୍ରସ୍ତୁତ ବେଳେ ଅଧିକାଂଶ ଅନୁଛେଦ ଭାରତ ସରକାର ଆଇନ ୧୯୩୫ରୁ ଅବିକଳ ଉଦ୍ଧରଣ କରିଛୁ। ତତ୍ ସହିତ ଆମେରିକା ସଂବିଧାନରୁ ଅନୁଗୃହୀତ ହୋଇଥିବା ନିର୍ଦ୍ଦେଶକ ସିଦ୍ଧାନ୍ତଗୁଡ଼ିକୁ ପ୍ରତିଫଳିତ କରିଛୁ। ଯୁକ୍ତରାଜ୍ୟ ତଥା ଅନ୍ୟାନ୍ୟ ରାଷ୍ଟ୍ରର ସଂବିଧାନରୁ ଆମ ଦେଶକୁ ଖାପ ଖୁଆଉଥିବା ଉପାଦାନମାନ ମଧ ଗ୍ରହଣ କରିଛୁ।

ଆମ ସଂବିଧାନର ଉପକ୍ରମରେ ଆମେ ଏହିପରି ଅବତାରଣା କରିଛୁ :

"ଆମ ଭାରତର ଅଧିବାସୀ ସବୁଲୋକମାନେ ଦୃଢ଼ ସଂକଳ୍ପ ଗ୍ରହଣ କରୁକି ଆମ ଭାରତକୁ ଗୋଟିଏ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ରଭାବରେ ଗଢ଼ିବୁ ଏବଂ ଏହାର ସମସ୍ତ ନାଗରିକଙ୍କୁ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ବିଚାର ଅଭିବ୍ୟକ୍ତ, ବିଶ୍ୱାସ, ଆସ୍ଥା ଏବଂ ପୂଜାର୍ଚ୍ଚନା ପାଇଁ ମୁକ୍ତି ଓ ସ୍ୱାଧୀନତା , ପଦମଦର୍ଯ୍ୟଦା ଓ ସୁବିଧା ସୁଯୋଗର ସମାନତା ନିଶ୍ଚିତଭାବେ ଯୋଗାଇ ଦେବୁ ଏବଂ ସେମାନଙ୍କ ମଧରେ ବ୍ୟକ୍ତିଗତ ମର୍ଯ୍ୟାଦାବୋଧ ତଥା ଜାତୀୟ ଐକ୍ୟ ଓ ସଂହତି ଭାବନା ପ୍ରତିଷ୍ଠା ମାଧମରେ ଭାତୃତ୍ୱର ପ୍ରସାର ଘଟାଇବୁ।

ଆମେ ଆମର ଏହି ସଂବିଧାନ ସଭାରେ ଆଜିର ଏହି ୧୯୪୯ ନଭେମ୍ବର ୨୬ତାରିଖରେ ଏହାଦ୍ୱାରା ଏହି ସଂବିଧାନକୁ ପ୍ରଣୀତ, ଗୃହୀତ ତଥା ଅଧିନିୟମରେ ପରିଣତ କରି ଆତ୍ମମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁଛୁ।"

ଏହା ଏକ ବିଚିତ୍ର ଏବଂ ସ୍ୱତନ୍ତ୍ର ସଂବିଧାନ ଯାହା ଅନ୍ୟତ୍ର ଦେଖାଯାଏ ନାହିଁ। ଏହା ଏକ ସଂଘୀୟ ସରକାର ଅଥଚ ଆମେରିକା ଠାରୁ ଭିନ୍ନ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ସମ୍ବିଧାନ ସନ୍ନିହିତ ଅଛି। ଏହାର ଧାରା ୩୭୦ ଏକ ସ୍ୱତନ୍ତ୍ର ବାଖ୍ୟା ଯେଉଁଠି ଜାମୁ ଓ କାଶ୍ମୀର କଥାକୁ ଗୁରୁତ୍ୱ ଦେଉଛି। ସେହିପରି କେନ୍ଦ୍ର ଓ ରାଜ୍ୟ ମଧରେ ବିଭାଗ ବଣ୍ଟନ, ସମସ୍ୟା ସମାଧାନ, ଆଇନ ସଂଶୋଧନ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି। ଏହା ଯେତିକି କଠିନ ବା ଜଟିଳ, ସେତିକି ନମନୀୟ। ନିର୍ମଳ ଶାସନ ନିମନ୍ତେ ଏହି ବ୍ୟବସ୍ଥାରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଠାରୁ ବିଚାର ବିଭାଗକୁ ସ୍ୱତନ୍ତ୍ର ଓ ସ୍ୱାଧୀନ କରାଯାଇଛି। ସଂସଦୀୟ ଶାସନ ବ୍ୟବସ୍ଥା, କେନ୍ଦ୍ରାଭିମୁଖୀ ଓ ରାଷ୍ଟ୍ରସଂଘ ଏହାର ମୂଳପିଣ୍ଡ। ନାଗରିକମାନଙ୍କୁ ପ୍ରଦତ୍ତ ମୌଳିକ ଅଧିକାର ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି, ଏକ-ନାଗରିକତ୍ୱ ପ୍ରଦାନ, ଜନମଙ୍ଗଳକାରୀ ରାଷ୍ଟ୍ର ଗଠନ ତଥା ସାର୍ବଜନୀନ ସାବାଳକ ଭୋଟପ୍ରଥା ଏହାର ମୂଳ, କାଣ୍ଡ, ପତ୍ର, ଫୁଲ ଓ ଫଳର ନିଶ୍ଚିତ ସ୍ୱରୂପ କାର୍ଯ୍ୟ କରିଥାନ୍ତି। ସଂକ୍ଷେପରେ ଏହାହିଁ ଆମର ସଂବିଧାନ।

ପ୍ରତିବର୍ଷ ୨୬ ଜାନୁୟାରୀକୁ ଭାରତୀୟମାନେ ଗର୍ବ ଓ ଗୌରବର ଦିବସ ବୋଲି ମନେକରି ଏହାକୁ ଜାତୀୟତା ଭାବରେ ଉଦ୍‌ବୃଦ୍ଧ ହୋଇ ମହାଡ଼ମ୍ବରେ ପାଳନ କରନ୍ତି। ବିଭିନ୍ନତା ମଧରେ ଏକତା ଓ ସଂହତିର ମହାନ ଜାତୀୟତାଭାବ ଆମ ସାଧାରଣତନ୍ତ୍ର ଦିବସ।


+ଅଧକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮


# ସିନେ ସାମ୍ବାଦିକ ପରୀକ୍ଷିତ ଜେନା ଏକ ସ୍ମୃତିଚିତ୍ର

ଗୌରୀଶଙ୍କର ପଣ୍ଡା

ବିଶିଷ୍ଟ ସିନେ ସାମ୍ବାଦିକ ତଥା ଓଡ଼ିଆ ଚଳଚ୍ଚିତ୍ର ପତ୍ରିକା 'ବାଣୀଚିତ୍ର'ର ପ୍ରତିଷ୍ଠାତା ସମ୍ପାଦକଙ୍କ ଜାନୁୟାରୀ ୧୬ ତାରିଖ ଦିନ ଭୋର ୫ଟା ବେଳେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ବର୍ଷ ହୋଇଥିଲା।

ପରୀକ୍ଷିତ ଜେନା ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ବରିଷ୍ଠ ସାମ୍ବାଦିକ ଭାବେ ବେଶ୍ ପରିଚିତ। ତାଙ୍କୁ ଓଡ଼ିଆ ଚଳଚ୍ଚିତ୍ର ସାମ୍ବାଦିକତାର ପିତାମହ ଭୀଷ୍ମ କହିଲେ ଭୁଲ ହେବନାହିଁ। ବର୍ତ୍ତମାନ ପ୍ରକାଶ ପାଉଥିବା ସର୍ବ ପୁରାତନ ଚଳଚ୍ଚିତ୍ର ପତ୍ରିକା ବାଣୀଚିତ୍ରର ମୁଖ୍ୟ ସମ୍ପାଦକ। ଦୀର୍ଘ ୫୪ ବର୍ଷଧରି ଓଡ଼ିଆ ଚଳଚ୍ଚିତ୍ର ସାମ୍ବାଦିକତା ସହ ଓଡ଼ିଆ ନାଟକ, ଯାତ୍ରା ତଥା ରଙ୍ଗମଂଚର ବିକାଶ କ୍ଷେତ୍ରରେ ଜଣେ ନିଷ୍ଠାପର ସମୀକ୍ଷକ ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଉଛି। ପରୀକ୍ଷିତ ଜେନା ୧୯୪୨ ମସିହା ଏପ୍ରିଲ ୧୭ ତାରିଖରେ ଭଦ୍ରକ ଜିଲ୍ଲାର ମହୁରା ଗ୍ରାମରେ ଜନ୍ମ ଗ୍ରହଣ କରିଛନ୍ତି। ବାପା ରଘୁନାଥ ଜେନା ଥିଲେ ଜଣେ ସମାଜସେବୀ। ବାପାଙ୍କ ପ୍ରେରଣାରେ ସେ ଅଭିନୟ ପ୍ରତି ଆକୃଷ୍ଟ ହୋଇ ସ୍କୁଲ, କଲେଜ ଓ ଗ୍ରାମରେ ହେଉଥିବା ନାଟକ ଗୁଡ଼ିକରେ ଅଭିନୟ କରୁଥିଲେ। ସରକାରୀ ସ୍ତରରେ ମଂଚସ୍ଥ ହେଉଥିବା ନାଟ୍ୟକାର ସ୍ୱର୍ଗୀୟ ଭଂଜ କିଶୋର ପଟ୍ଟନାୟକଙ୍କର ସାମାଜିକ ନାଟକ କୁଳବୋହୂରେର ନାୟୌୟିକ ଭୂମିକାରେ ଅଭିନୟ କରି ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି ନାଟକଟି ଅନେକ ସ୍ଥାନରେ ମଂଚସ୍ଥ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଭଦ୍ରକର ବିଭିନ୍ନ ଅଂଚଳ ଓ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଅନେକ ନାଟକରେ ଅଭିନୟ କରି ପ୍ରଶଂସିତ ହୋଇଛନ୍ତି। ସେ ଆକାଶବାଣୀ କଟକ କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଓ ନାଟ୍ୟକାର ଓଡ଼ିଆ ଚଳଚ୍ଚିତ୍ର କିଏ କାହାର, ସ୍ତ୍ରୀ, ବନ୍ଧନ ସମେତ କେତୋଟି ଚିତ୍ରରେ ଗୌଣ ଚରିତ୍ରରେ ଅଭିନୟ କରିଛନ୍ତି। ଜଣେ ଲେଖକ ତଥା ସମୀକ୍ଷକ ଭାବରେ ତାଙ୍କର ଗଳ୍ପ ଓ ସମୀକ୍ଷାମାନେ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ। ତାଙ୍କ ଦ୍ୱାରା ରଚିତ ଉପନ୍ୟାସ ଅଶାନ୍ତର ଧୂମକେତୁ ଓ ଚାରୋଟି ଗଳ୍ପ ସଂକଳନ ପ୍ରକାଶିତ। ଓଡ଼ିଆ ଯୁବ ଲେଖକ, ସମ୍ମିଳନୀ, ଓଡ଼ିଆ ଲେଖକ ସାମ୍ମୁଖ୍ୟ, ଚଳାପଥ, ମାଳିନି ଆଦି ବହୁ ସାଂସ୍କୃତିକ ଅନୁଷ୍ଠାନ ସହ ସଂପୃକ୍ତ।

ପରୀକ୍ଷିତ ବାବୁ ଦୀର୍ଘ ୫୪ ଆସୁଥିଲେ ବର୍ଷଧରି ଚଳଚ୍ଚିତ୍ର ସାମ୍ବାଦିକତା କରିବା ସହିତ ବର୍ତ୍ତମାନର ସର୍ବ ପୁରାତନ ଚଳଚ୍ଚିତ୍ର ପତ୍ରିକା ବାଣୀଚିତ୍ରର ମୁଖ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଥିଲେ। ଏହି ପତ୍ରିକାଟି ଅନିୟମିତ ଭାବେ ନିୟମିତ ପ୍ରକାଶ ପାଇଁ ପାଠକଙ୍କ ଦ୍ୱାରା ଆଦୃତ ହୋଇପାରିଛି। ସେ ବାଣୀଚିତ୍ରର ପୁରସ୍କାର ଉତ୍ସବ ମଧ୍ୟ ପ୍ରତ୍ୟେକ ବର୍ଷ ବେଶ ଜାକ ଜମକରେ ପାଳନ କରିଛନ୍ତି। ୨୦୧୭ ମସିହାରେ ଏହି ପତ୍ରିକାର ସେ ୫୦ବର୍ଷ ଉତ୍ସବ ପାଳନ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ସାମ୍ବାଦିକ ସଂଘର ଉପସଭାପତି, ଓଡ଼ିଆ ସିନେମା ମେଗାଜିନ୍ ଏଡିଟରସ ଓ ଜର୍ଣ୍ଣାଲିଷ୍ଟ ଆସୋସିଏସନର କାର୍ଯ୍ୟକାରୀ ସଭାପତି, ଓଡ଼ିଆ ସିନେ କ୍ରିଟିକ୍ ଆସୋସିଏସନର ଅନ୍ୟତମ ଉପଦେଷ୍ଟା, ରଙ୍ଗମ ଅନୁଷ୍ଠାନରର ଓ ଓମ୍ ଶ୍ରୀ ଆୱାର୍ଡ କମିଟିରର ଉପଦେଷ୍ଟା ଅଛନ୍ତି। ଏତଦ୍ ବ୍ୟତୀତ ସେ ଜଣେ ନିଷ୍ଠାପରର ସରକାରୀ କର୍ମଚାରୀ ଭାବେ ଦୀର୍ଘ ୩୭ ବର୍ଷ ଧରି ସଚିବାଳୟ ହୋମ୍ ଡିପାର୍ଟମେଂଟର ସିନିୟର ପ୍ରାଇଭେଟ ସେକ୍ରେଟାରୀ ଭାବେ କାର୍ଯ୍ୟକରି ୨୦୦୦୧ ମସିହା ଅକ୍ଟୋବରର ମାସରେ ଅବସର ଗ୍ରହଣ କରି ସକ୍ରିୟ ଭାବେ ଚଳଚ୍ଚିତ୍ର ସାମ୍ବାଦିକତା କରୁଥିଲେ। ସେ 'ଆମ ଓଡ଼ିଆ ଚଳଚ୍ଚିତ୍ରର ଇତିହାସ' ନାମରେ ଏକ ବହି ପ୍ରକାଶ କରିଛନ୍ତି। ଚଳଚ୍ଚିତ୍ର ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଆଖି ପତ୍ରିକା, ଚଲାପଥ, ସଂସାର, ଚିତ୍ରପୁରୀ ସୁବର୍ଣ୍ଣ ଜୟନ୍ତି ସମ୍ମାନ, ଚଳଚ୍ଚିତ୍ର ଜଗତ ସମ୍ମାନ, ବଂଶୀ ବିଳାସ, ସିନେ କ୍ରିଟିକ ଆସୋସିଏସନ ଶତାବ୍ଦୀ ସମ୍ମାନ, ଗ୍ଲାବାସ ସମ୍ମାନ, ସଂକଳ୍ପ ସମ୍ମାନ, ନ୍ୟାସନାଲ ଜର୍ଣ୍ଣାଲିଷ୍ଟ ଷ୍ଟେଟ ଲେବୁଲ ସମ୍ମାନ, କଳାନିଧି ବାଂଛାନିଧି ସମ୍ମାନ, ଓମ୍‌ଶ୍ରୀ ଆୱାର୍ଡ୍, ରଙ୍ଗମ ସିଲଭର ଜୁବୁଲି, ଶୋ ଟାଣ ସମ୍ମାନ, ଫିଲ୍ମ ଫେୟାର ଲାଇଫ ଟାଇମ୍ ସମ୍ମାନ, ରୂପ ନଗରୀ ମାୟା ନଗରୀ ସମ୍ମାନ, ସିନେମା ସଂସାର ସମ୍ମାନ, ନଳିନୀ ସମ୍ମାନ, କାଦମ୍ବିନୀ ସମ୍ମାନ, ଭୀମ ସିଂ ସମ୍ମାନ, ସିନେମା ଦୁନିଆ ସମ୍ମାନ, ରୂପରଂଗ ସମ୍ମାନ ସମେତ ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି।



## କବିତା କୋଣାର୍କ

### ତ୍ରିରଙ୍ଗା ...

ରାମ ଚନ୍ଦ୍ର ପ୍ରଧାନ

ତ୍ରିରଙ୍ଗା ଆମର ଜାତୀୟ ପତାକା
ଉଡୁଥାଏ ଫରଫର
ନାଲି ଧଳା ପୁଣି ସବୁଜ ରଙ୍ଗରେ
ଦିଶଇ କେଡ଼େ ସୁନ୍ଦର ।

ସତ୍ୟ, ଶାନ୍ତି, ମୈତ୍ରୀ ପ୍ରଗତି ପ୍ରତୀକ
ଆମ ଏ ତ୍ରିରଙ୍ଗା ବାନା
ସର୍ବେ ହୋଇ ଏକ ଉଡ଼ାଇବା ଆସ
ସପନକୁ କରି ସୁନା ।

ସୀମାନ୍ତରେ ଉଡ଼ି ବଖାଣିଥାଏ ସେ
ସଂଗ୍ରାମୀ ବୀରଙ୍କ କଥା
ମହାନ ଜାତିର ପରିଚୟ ସିଏ
ଗୌରବର ମହା ଗାଥା ।

ଜାତି, ଧର୍ମ, ବର୍ଣ୍ଣ ସବୁରି ଉର୍ଦ୍ଧରେ
ଗର୍ବେ ଉଡୁଥାଏ ସିଏ
ଦେଶପ୍ରେମ ବହ୍ନି ପ୍ରଜ୍ୱଳିତ କରି
ଆମକୁ ସାହସ ଦିଏ ।

ଏକତାର ସୂତ୍ରେ ସମସ୍ତଙ୍କୁ ବାନ୍ଧି
ଦେଶପ୍ରେମ କଥା କହେ
ଏ ଜାତିର ଟେକ ରଖିବା ପାଇଁ ସେ
ସବୁ ମଥାପାତି ସହେ।


ଶିକ୍ଷକ
ସାନ୍ତରାପଲ୍ଲି,ଗଞ୍ଜାମ
ମୋ:୯୮୬୧୬୩୮୭୩୬


### ତତଲା ରକ୍ତ...

କୁନା ସେଠୀ

ଏ ବୀର ମାଟିର ବୀର ପୁଅ ଗଣ
ମଥାରେ ତିଳକ ମାରି
ଯୁଦ୍ଧ କ୍ଷେତ୍ରକୁ ଯାଉଥିଲେ ବେଗେ
ହାତରେ ଖଡଗ ଧରି ।

ମନ ତଳେ ତାଙ୍କ ଅସୁମାରୀ ସ୍ୱପ୍ନ
ଦେହରେ ଦେଶ ପ୍ରେମ
ଜାତି ପାଇଁ ନିଜ ଜୀବନ ଦେବାକୁ
ଆସନ୍ତି ବିରୁଡ଼ି ସମ ।

ଯୁଦ୍ଧର ଡାକରା ନିଆଁ ଲଗାଇଲା
ହୃଦୟ କନ୍ଦରେ ଆସି
ହୁତାଶନ ସମ ରକ୍ତ ତାତିଗଲା
ଯୁଦ୍ଧର କ୍ଷେତ୍ରରେ ପଶି ।

ମାରିବା ମରିବା ସବୁ ଏକ ହେଲା
ଜୀବନ ହୋଇଲା ତୁଚ୍ଛ
ଘରର ଘରଣୀ ଦେଇ ସେ ଚାହାଣୀ
ଚିନ୍ତୁ ଥିଲେ ଆଗ ପଛ ।

ରକ୍ତ ନଦୀରେ ନିଆଁ ଲାଗିଗଲେ
ଲିଭାଇବ ତାକୁ କିଏ
ଜଳ ପକାଇଲେ ନିଆଁ ବହି ଯାଏ
ତାଳରୁ ତଳିପା ଯାଏ ।

ଦେଶ ପ୍ରେମୀ ବୀର ସ୍ୱଦେଶ ହିତରେ
ପ୍ରାଣ ବଳି ଦେବା ଲାଗି
ତତଲା ରକ୍ତକୁ ଛାତିରେ ଧରି ସେ
ଶତ୍ରୁରୁକୁ ଥିଲା ଜଗି ।

କେତେବେଳେ ଆସି ଗୁଳି ବାଜି ଗଲା
ପଡ଼ିଗଲା ବୀର ସେଠି
ରୁଧିର ବହିଲା ମାଥାରୁ ତାହାର
ମଥା ଗଲା ତାର ଫାଟି ।

ତତଲା ରକ୍ତ ତା ରଡ଼ି କରୁଥିଲା
ଶତ୍ରୁଟିକୁ ଚାହିଁ କରି
କାଟିବି ମୁଣ୍ଡ ତୋ ରଖିବେନି କେହି
ଡାକୁଥିବୁ ହରି ହରି ।

ଶିଥିଳ ହୋଇଲା ଶରୀରଟି ତାର
ଶୀତଳ ହୋଇଲା ରକ୍ତ
ଦେହରେ ତାହାର ଜାତୀୟ ଧ୍ୱଜାଟି
ଘୋଡେଇଲା କରି ଶକ୍ତ ।

ଜୟ ଧ୍ୱନୀ ଶବ୍ଦ ଶୁଭିଲା ବାଟରେ
ସହିଦ ଅମର ରହେ
ତାତିଲା ରକ୍ତ ତା ନୀରବ ଗମ୍ଭୀରେ
ଶୀତଳର କଥା କହେ ।

ଦେଶ ପାଇଁ ଯଦି ପ୍ରାଣ ବଳୀ ଦେଇ
ଅମର ହେବାକୁ ହୁଏ
ଦେଶ ସୁରକ୍ଷାର ବାର୍ତ୍ତା ଦେଇ ଆମେ
ଚାଲିବା ମରିବା ଯାଏ ।


+ଭୂତସରସିଙ୍ଗି,ଗଞ୍ଜାମ




# ଆଶାର ସୂର୍ଯ୍ୟୋଦୟ ଓ ଆମେ ଭାରତୀୟ

**ପ୍ରଦୀପ ସେନାପତି**
ରାଜ୍ୟ ସଭାପତି
ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ,
ଓଡ଼ିଶା , ଜିଲ୍ଲାପାଳ ରୋଡ଼, ଭଦ୍ରକ
ମୋ - ୯୪୩୮୪୪୬୫୭୫

ସ୍ୱାଧୀନତା ପ୍ରାପ୍ତିପରେ ଭାରତରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ନୂତନ ଭାବେ ପ୍ରଣୀତ ସମ୍ବିଧାନକୁ କାର୍ଯ୍ୟକାରୀ କରାଗଲା । ଏବଂ ସେଦିନଠାରୁ ସେହି ଦିନଟି ଦେଶପାଇଁ ଏକ ଐତିହାସିକ ଦିବସ ରୂପେ ଲିପିବଦ୍ଧ ହୋଇ ରହିଲା । ସେହି ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ ଘଟଣାର ୭୨ ତମ ସାଧାରଣତନ୍ତ୍ର ଦିବସ ୧୯୫୦ ଜାନୁଆରୀ, ୨୬ ରେ ପୂର୍ଣ୍ଣାଙ୍ଗ ରୂପେ ସ୍ୱାଧୀନ ଭାରତ ପାଇଁ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରିଥିଲା । ଏବେ ଆମ୍ଭମାନଙ୍କ ମନରେ ପ୍ରଶ୍ନ ଆସୁଛି ଯେ, ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ କିପରି ? ଉତ୍ତରଟି ନିଶ୍ଚୟ ହେବ ଉଜ୍ଜଳ, ସୁଦୃଢ଼, ନିରାପଦ ଏବଂ ଶକ୍ତିଶାଳୀ । ଏହାର ଗଣତାନ୍ତ୍ରିକ ସ୍ତମ୍ଭ ଏତେ ଗଭୀର ସ୍ତରକୁ ଯାଇଛି ଯେ ଭବିଷ୍ୟତରେ କୌଣସି ରାଜନୈତିକ ଦଳ, ବ୍ୟକ୍ତି କିମ୍ବା ସାମରିକ ଶକ୍ତି ଆମ ଦେଶରେ ଏକଛତ୍ରବାଦ ଶାସନ କରିପାରିବେ ନାହିଁ କିମ୍ବା କୌଣସି ଦଳ ନିରବଚ୍ଛିନ୍ନ ଭାବରେ କ୍ଷମତାକୁ ଜାବୁଡ଼ି ଧରିପାରିବେ ନାହିଁ । ଦେଶର ଜନତା ବା ଜନଶକ୍ତି ହିଁ ସକଳ କ୍ଷମତାର ଆଧାର । ଭାରତୀୟ ଗଣତନ୍ତ୍ରରେ ନୈରାଶ ବାଦର ସ୍ଥାନ ନାହିଁ ।

ବିଶ୍ୱର ସର୍ବବୃହତ ଏବଂ ସର୍ବଜନାଦୃତ ସମ୍ବିଧାନ ପ୍ରଣୟନ ରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ଜବାହରଲାଲ ନେହେରୁ, ଡକ୍ଟର ଭୀମ ରାଓ ଆମ୍ବେଦକର, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଶ୍ରୀମତୀ ସୁଚେତା କ୍ରିପାଳିନୀ, ଶ୍ରୀମତୀ ସରୋଜିନୀ ନାଇଡୁ, ଶ୍ରୀ ବି.ଏନ.ରାଓ, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ, ଶ୍ରୀ ଶରତ ଚନ୍ଦ୍ର ବୋଷ, ଶ୍ରୀ ରାଜ ଗୋପାଳଚାରୀ, ଶ୍ରୀ ଏନ. ଗୋପାଳ ସ୍ୱାମୀ, ଆୟାଙ୍ଗାର, ଡ଼କ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ, ଶ୍ରୀ ଗୋପିନାଥ ବର୍ଦ୍ଦୋଲୋଇ, ଶ୍ରୀ ଜେ.ବି କ୍ରିପ ଲାନୀଙ୍କ ଭଳି ମହାନ୍ ବିଦ୍ୱାନ ମାନଙ୍କର ବିଶେଷ ଅବଦାନ ରହିଛି । ବିଶ୍ୱର ଯେତେ ରାଷ୍ଟ୍ରଙ୍କ କାର୍ଯ୍ୟକ୍ଷମ ସମ୍ବିଧାନ ରହିଚି, ଭାରତର ସମ୍ବିଧାନ ପ୍ରଣୀତ ହେବା ପୂର୍ବରୁ ସେସବୁକୁ ତନ୍ନତନ୍ନକରି ଅଧ୍ୟୟନ କରାଯାଇ ତାହା ଉପରେ ବ୍ୟାପକ ତର୍ଜମା, ଆଲୋଚନା କରାଯାଇଥିଲା ଏବଂ ସେସବୁର ସୁଗୁଣ ଗୁଡ଼ିକୁ ଆହରଣ କରାଯାଇ ଭାରତର ସମ୍ବିଧାନ ଚିଠା ପ୍ରସ୍ତୁତ କରାଯାଇଥିଲା । ଏହା ଉପରେ ଆଲୋଚନା ସକାଶେ ଅନୁନ୍ୟ ୧୪୧ ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏବଂ ଏଥିପାଇଁ ମୋଟ ୨ ବର୍ଷ ୧୧ ମାସ ଓ ୧୭ ଦିନ ସମୟ ଲାଗିଥିଲା । ସମ୍ବିଧାନ ସଭାର ନିଖୁଣ ବିଶ୍ଳେଷଣର ନିର୍ଯାସ ସ୍ୱରୂପ ଏକ ପ୍ରସ୍ତାବନା ସହିତ ୩୯୫ଟି ଧାରା ଓ ୮ ଟି ପରିଶିଷ୍ଟ ସହିତ ସ୍ୱାଧୀନ ଭାରତର ନୂତନ ସମ୍ବିଧାନ ଗ୍ରନ୍ଥ ପ୍ରସ୍ତୁତ କରାଯାଇଥିଲା ଯାହାକି ସ୍ୱାଧୀନ ଭାରତ ନିମନ୍ତେ ଏକ କାର୍ଯ୍ୟକ୍ଷମ ଓ ଜନମଙ୍ଗଳ ସମ୍ବିଧାନର ରୂପ ଧାରଣ କରିଥିଲା । ପ୍ରଣୀତ ହେବାର ସାତ ଦଶନ୍ଧି ମଧ୍ୟରେ ଭାରତର ମୂଳ ସମ୍ବିଧାନ ଦୀର୍ଘ ପଥ ଅତିକ୍ରମ କରିଛି ଏବଂ ଏହି ଅବଧି ମଧ୍ୟରେ ଦେଶର ତଥା ଦେଶବାସୀଙ୍କ ନିମନ୍ତେ ସମୟର ଆବଶ୍ୟକତାକୁ ନେଇ ଏଥିରେ ଅନେକ ସଂଶୋଧନ କରାଯାଇଛି । ଅଧୁନା ଆମର ସମ୍ବିଧାନରେ ଚାରିଶହରୁ ଅଧିକ ଧାରା ଏବଂ ବାରଟି ପରିଶିଷ୍ଟ ରହିଛି । ଯାହାକି ଶାସନ ବ୍ୟବସ୍ଥା ପାଇଁ ବ୍ୟାପକ ପ୍ରାବଧାନର ବ୍ୟାପ୍ତିକୁ ସୂଚିତ କରେ । ଦେଶର ନାଗରିକଙ୍କ ଆଶା ଆକାଂକ୍ଷା ତଥା ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥିରେ ସଂଶୋଧନ ସହିତ ସୁଶାସନ ବ୍ୟବସ୍ଥାର ସକଳ ପ୍ରକାର ପ୍ରାବଧାନ ରହିଛି । ଆଜିଭାରତର ଗଣତନ୍ତ୍ର ସକଳ ପ୍ରକାର ଆହ୍ୱାନକୁ ସାମ୍ନା କରିବା ସହିତ କେବଳ ସୁଦୃଢ଼ ଭାବେ ସୁପ୍ରତିଷ୍ଠିତ ହୋଇନାହିଁ ଅପରନ୍ତୁ ବୈଶ୍ୱିକ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିବାକୁ ସକ୍ଷମ ହୋଇପାରିଛି । ଏହାର ସମସ୍ତ ଶ୍ରେୟ ସମ୍ବିଧାନର ସୁଦୃଢ଼ ଢ଼ାଞ୍ଚା ତଥା ସକ୍ରିୟ ଆନୁଷ୍ଠାନିକ ସୁପରିଚାଳନାର ବ୍ୟବସ୍ଥା ନିମନ୍ତେ ଏଥିରେ ଥିବା ପ୍ରାବଧାନକୁ ହିଁ ଯାଏ । ଭାରତର ସମ୍ବିଧାନ ଦେଶବାସୀଙ୍କ ନିମନ୍ତେ ଏକ ସାମାଜିକ ଆର୍ଥିକ ତଥା ରାଜନୈତିକ ଗଣତନ୍ତ୍ର ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି । ଏହା ଭାରତର ସମସ୍ତ ନାଗରିକ ସେମାନଙ୍କର ଜାତୀୟ ଲକ୍ଷକୁ ଶାନ୍ତିପୂର୍ଣ୍ଣ ତଥା ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ହାସଲ କରିବା ସକାଶେ ଥିବା ଅଙ୍ଗୀକାରବଦ୍ଧତାକୁ ମଧ୍ୟ ସ୍ପଷ୍ଟ ଭାବେ ବି ନିର୍ଦ୍ଦିଷ୍ଟ କରେ । ପରିଣାମତଃ ଆମର ସମ୍ବିଧାନ କେବଳ ଏକ ବିଧି ଗ୍ରନ୍ଥ ଭାବେ ପରିଗଣିତ ହୁଏ ନାହିଁ ବରଂ ଏହା ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ଯାହା ସମାଜର ସମସ୍ତ ବର୍ଗଙ୍କ ସ୍ୱାଧୀନତାକୁ ସୁରକ୍ଷା ପ୍ରଦାନ କରେ ଓ ଦେଶର ପ୍ରତ୍ୟେକ ନାଗରିକଙ୍କ ସମାନତାର ଅଧିକାରକୁ ଜାତି, ଗୋତ୍ର, ଲିଙ୍ଗ, ଧର୍ମ, ସମ୍ପ୍ରଦାୟ କିମ୍ବା ଭାଷା ନିର୍ବିଶେଷରେ ସୁନିଶ୍ଚିତ କରେ ଏବଂ ଏକଥା ମଧ୍ୟ ସୁନିଶ୍ଚିତ କରେ ଯେ ରାଷ୍ଟ୍ର ଯେଭଳି ନିରନ୍ତର ତା'ର ପ୍ରଗତି ତଥା ସମୃଦ୍ଧ ପଥରେ ଧାବମାନ ରହିପାରିବ । ଏହା ଆମର ସମ୍ବିଧାନ



ନିର୍ମାତାଙ୍କ ସୁଦୂରପ୍ରସାରୀ ଦୂରଦୃଷ୍ଟିକୁ ମଧ୍ୟ ସୂଚିତ କରେ ଏବଂ ସେମାନଙ୍କର ଭାରତୀୟ ଜାତୀୟତା ଉପରେ କେତେ ମାତ୍ରାରେ ଆସ୍ଥା ଓ ବିଶ୍ୱାସ ଥିଲା ତାହାକୁ ମଧ୍ୟ ଦର୍ଶାଏ । ବିଗତ ସାତ ଦଶନ୍ଧି ମଧ୍ୟରେ ଏହି ସମ୍ବିଧାନ ବଳବତ୍ତର ରହିଆସିଛି । ଏବଂ ଏହାକୁ ପାଥେୟ କରି ଆମ୍ଭେମାନେ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଛୁ ଓ ଅନେକ ସଫଳତା ହାସଲ କରିଛୁ । ଆମେ ବିଶ୍ୱର ସର୍ବବୃହତ ଓ ସଫଳ ଗଣତନ୍ତ୍ରର ମାନ୍ୟତା ହାସଲ କରିବାର ଗୌରବର ଅଧିକାରୀ ମଧ୍ୟ ହୋଇଛୁ । ଆମର ବିଶାଳ ସଂଖ୍ୟକ ମତଦାତାଙ୍କ ସତ୍ତ୍ୱେ ଆମର ନିର୍ବାଚନ ଧାରା ନିରବଚ୍ଛିନ୍ନ ଭାବେ ଜାରି ରହିଛି । ଆମର ଗଣତାନ୍ତ୍ରିକ ବ୍ୟବସ୍ଥା କୌଣସି ପରିସ୍ଥିତିରେ ଅକ୍ଷମତାର ଶିକାର ହୋଇନାହିଁ । ବରଂ ସଫଳତାର ସହ ଅନୁଷ୍ଠିତ ପ୍ରତ୍ୟେକଟି ନିର୍ବାଚନ ଆମର ଗଣତନ୍ତ୍ରର ସୁବ୍ୟବସ୍ଥାକୁ ପ୍ରମାଣସିଦ୍ଧ କରିଛି ଏବଂ ସମୟର କଷଟି ପଥରରେ ଏହା ସୁପରିକ୍ଷିତ ହୋଇଛି । ଗଣତାନ୍ତ୍ରିକ ଜୟଯାତ୍ରା ଅବଧି ଯାହାକି ସାତ ଦଶନ୍ଧି ଧଣି ବ୍ୟାପ୍ତ ସେଥି ମଧ୍ୟରେ ଦେଶରେ ୧୭ଟି ଲୋକସଭା ନିର୍ବାଚନ ଏବଂ ତିନିଶହରୁ ଅଧିକଟି ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି । ଏହି ସବୁ ନିର୍ବାଚନରେ ଅଧିକରୁ ଅଧିକ ସଂଖ୍ୟକ ମତଦାତାଙ୍କ ସକ୍ରିୟ ଅଂଶଗ୍ରହଣ ଆମ ଗଣତନ୍ତ୍ରର ସଫଳତାର ଔଜ୍ଜଲ୍ୟକୁ ପ୍ରମାଣିତ କରେ । ଭାରତର ଗଣତନ୍ତ୍ର ସମଗ୍ର ବିଶ୍ୱକୁ ପ୍ରଦର୍ଶନ କରିଛି ଯେ ରାଜନୈତିକ କ୍ଷମତା କିଭଳି ଭାବେ ଓ ଶାନ୍ତିପୂର୍ଣ୍ଣ ତଥା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ରୂପାନ୍ତରିତ ହୋଇପାରେ । ଭାରତୀୟ ସମ୍ବିଧାନରେ ରାଜ୍ୟମାନଙ୍କ ମଧ୍ୟରେ କ୍ଷମତାର ସୁସଂଗତ ବିଭାଜନ ଓ ବଣ୍ଟନ ବିନିର୍ଦ୍ଦିଷ୍ଟ ଭାବେ କରାଯାଇଛି । ରାଷ୍ଟ୍ରର ତିନିଗୋଟି ପ୍ରମୁଖ ଅଙ୍ଗ ଯଥା ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ନିଜସ୍ୱ ନିର୍ଦ୍ଦିଷ୍ଟ ତଥା ସ୍ୱାଧୀନ ପରିଚୟ ରହିଛି ଏବଂ ସେମାନେ ସଭିଏଁ ନିଜ ନିଜ କ୍ଷେତ୍ର ମଧ୍ୟରେ ସ୍ୱାଧୀନ ଓ ସ୍ୱଚ୍ଛନ୍ଦରେ କାର୍ଯ୍ୟରତ । ଏହିଭଳି ଭାବେ ସେମାନେ କେହି କାହାର କର୍ମକ୍ଷେତ୍ର ମଧ୍ୟକୁ ସୀମା ଅତିକ୍ରମ କରିବାର କୌଣସି ଅବସର ନାହିଁ । ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂସଦର ସ୍ଥାନ ସର୍ବୋଚ୍ଚ କିନ୍ତୁ ତାହାର ମଧ୍ୟ ନିର୍ଦ୍ଦିଷ୍ଟ ସୀମାରେଖା ରହିଛି । ଭାରତୀୟ ସମ୍ବିଧାନର ବିଧି ବ୍ୟବସ୍ଥା ତଥା ଆଦର୍ଶରେ ପରିଚାଳିତ ହୋଇ ସଂସଦୀୟ ବ୍ୟବସ୍ଥା କାର୍ଯ୍ୟ କରିଥାଏ । ସମ୍ବିଧାନକୁ ସଂଶୋଧନ କରିବାର କ୍ଷମତା ସଂସଦଠାରେ ନ୍ୟସ୍ତ କିନ୍ତୁ ଏହାର ମୌଳିକ ଢ଼ାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ପାରିବନାହିଁ । କାର୍ଯ୍ୟକାରୀ ହେବା ଦିନଠାରୁ ଏଯାବତ୍ ସମ୍ବିଧାନରେ ଶହେରୁ ଅଧିକ ଥର ସଂଶୋଧନ କରାଯାଇସାରିଛି । କିନ୍ତୁ ଏତେସବୁ ସଂଶୋଧନ ପରେ ସୁଦ୍ଧା ଆମର ସମ୍ବିଧାନର ମୂଳ ବୈଶିଷ୍ଟ୍ୟ ଓ ଆଭିମୁଖ୍ୟ ଅପରିବର୍ତ୍ତିତ ଓ ଅତୁଟ ରହିଛି । ଭାରତର ସମ୍ବିଧାନ ଦେଶର ନାଗରିକଙ୍କ ସ୍ୱାର୍ଥ ଉପରେ ସ୍ୱତନ୍ତ୍ର ଭାବେ ପ୍ରାଧାନ୍ୟ ଆରୋପ କରେ ଏବଂ ଏଥିପାଇଁ ସମ୍ବିଧାନର ତୃତୀୟ ଅନୁଚ୍ଛେଦରେ ଧାରା ୧୨ ଠାରୁ ଧାରା ୩୫ ପର୍ଯ୍ୟନ୍ତ ମୌଳିକ ଅଧିକାରର ବ୍ୟବସ୍ଥା ରହିଛି ଯାହାକି ଡେଉଛି ଏହାର ପ୍ରମୁଖ ପ୍ରମାଣ । ଏଭଳି ବ୍ୟବସ୍ଥା ଭାରତର ସମସ୍ତ ନାଗରିକଙ୍କୁ ସମାନ ଦୃଷ୍ଟିରେ ଦେଖିବାକୁ ସୁନିଶ୍ଚିତ କରେ ଓ ସେମାନଙ୍କୁ ଐକବଦ୍ଧ କରିବାର ଏକ ବିଶେଷ ଶକ୍ତି ରୂପେ କାର୍ଯ୍ୟକରେ ; ମୂଳ ସମ୍ବିଧାନରେ ନାଗରିକଙ୍କ ନିମନ୍ତେ ସାତଟି ମୌଳିକ ଅଧିକାରର ପ୍ରାବଧାନ ଥିଲା । କିନ୍ତୁ ୪୪ଟୀ ସମ୍ବିଧାନ ସଂଶୋଧନ ଆଇନ ବଳରେ ସମ୍ପତ୍ତିଗତ ଅଧିକାରକୁ ସେଥିରୁ ପୃଥକ କରାଯାଇଥିଲା । ତେଣୁ ଏହି ଅଧିକାରକୁ ସେବେଠାରୁ ସମ୍ବିଧାନରେ ଏକ ଆଇନଗତ ଅଧିକାର ଭାବେ ସାମିଲ କରାଯାଇଥିଲା । ଅଧୁନା ଆମ ସମ୍ବିଧାନ ଛଅଗୋଟି ମୌଳିକ ଅଧିକାରକୁ ଏହାର ନାଗରିକଙ୍କ ସକାଶେ ସୁନିଶ୍ଚିତ କରେ । ସେହିସବୁ ମୌଳିକ ଅଧିକାରଗୁଡ଼ିକ ହେଲା ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଶୋଷଣ ବିରୋଧି ଅଧିକାର, ଧର୍ମାଚରଣ ସ୍ୱାଧୀନତାର ଅଧିକାର ଅଧିକାର ସାଂସ୍କୃତିକ ଓ ଶୈକ୍ଷିକ ଅଧିକାର ତଥା ସାମ୍ବିଧାନିକ ପ୍ରତି ବିଧାନଗତ ଅଧିକାର । ଏହିସବୁ ମାଧ୍ୟମରେ ଆମ ସମ୍ବିଧାନ ଆମର ସାଂସ୍କୃତିକ ବିବିଧତା ସତ୍ତ୍ୱେ ସମସ୍ତ ନାଗରିକଙ୍କ ନିମନ୍ତେ ଏକାପ୍ରକାର ସୁବିଧା ସୁଯୋଗ ପ୍ରଦାନ ପାଇଁ ସତତ ଚେଷ୍ଟା କରିଥାଏ । ବସ୍ତୁତଃ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ଏହିସବୁ ଅଧିକାରଗୁଡ଼ିକ ହେଉଛି ଆମ ସମ୍ବିଧାନର ନିଚ୍ଛକ ମାନସିକତା ତଥା ଆଭିମୁଖ୍ୟ । ଆମର ସମ୍ବିଧାନ ଏଥିରେ ଥିବା ମୌଳିକ ଅଧିକାର ଗୁଡ଼ିକ ସହିତ ନାଗରିକଙ୍କ ନିମନ୍ତେ କେତେଗୁଡ଼ିଏ ମୌଳିକ କର୍ତ୍ତବ୍ୟର ମଧ୍ୟ ପ୍ରାବଧାନ ରହିଛି । ମୌଳିକ ଅଧିକାର ସବୁ ମୂଳ ସମ୍ବିଧାନରେ ହିଁ ସାମିଲ ହୋଇଥିଲା । ଯଦ୍ୟପି ସମୟ ସ୍ରୋତରେ ଆଗକୁ ଅଗ୍ରସର ହେବା ପ୍ରକ୍ରିୟାରେ ଏହା ଅନୁଭୂତ ହୋଇଥିଲା ଯେ ଭାରତର ନାଗରିକଗଣଙ୍କ ପାଇଁ ମୌଳିକ ଅଧିକାର ସହିତ କେତେଗୋଟି ମୌଳିକ କର୍ତ୍ତବ୍ୟ ମଧ୍ୟ ରହିବା ବାଞ୍ଛନୀୟ । ତେଣୁ ସମ୍ବିଧାନ ସେମାନଙ୍କ କାନ୍ଧରେ କେତୋଟି ମୌଳିକ କର୍ତ୍ତବ୍ୟ ମଧ୍ୟ ସ୍ଥାପନ କରିଛି । ସମ୍ବିଧାନର ୪୨ ଟୀ ସମ୍ବିଧାନ ସଂଶୋଧନରେ ଏଭଳି ସକ୍ରିୟ ମୌଳିକ ଅଧିକାରକୁ ଏଥିଷର ସଂଯୋଗ କରାଯାଇଥିଲା । ଆଜି ଆମ ସମ୍ବିଧାନର ଧାରା ୫୧ (ଏ) ରେ ମୋଟ ୧୧ ଗୋଟି ମୌଳିକ କର୍ତ୍ତବ୍ୟ ସାମିଲ କରାଯାଇଛି । ୪୨ଟା ସମ୍ବିଧାନ ସଂଶୋଧନ ଦ୍ୱାରା ୧୦ ଟି କର୍ତ୍ତବ୍ୟ ଯୋଡ଼ା ଯାଇଥିବାବେଳେ ଏକାଦଶ କର୍ତ୍ତବ୍ୟଟି ୨୦୦୨ ମସିହାରେ ଗୃହୀତ ୮୬ ଟୀ ସମ୍ବିଧାନ ସଂଶୋଧନ ଆଇନ ମାଧ୍ୟମରେ ସମ୍ବିଧାନରେ ସଂଯୋଗ କରାଯାଇଛି । ସମ୍ବିଧାନରେ ସାମିଲ କରାଯାଇଥିବା ମୌଳିକ କର୍ତ୍ତବ୍ୟ ସୁନିଶ୍ଚିତ କରେ ଯେ, ଦେଶର ନାଗରିକମାନେ ଯେଭଳି ଅଖଣ୍ଡ କ୍ଷମତାର ଅଧିକାରୀ ନହୋଇ ପାରନ୍ତି ବରଂ ସେମାନଙ୍କୁ ସମ୍ବିଧାନ ପ୍ରଦାନ କରିଥିବା ମୌଳିକ ଅଧିକାର ଭଳି ସେମାନେ ମଧ୍ୟ କେତେକ ମୌଳିକ ଗଣତାନ୍ତ୍ରିକ ଆଚରଣ ଓ ମାନସିକତାର ସହ ନିଜର କର୍ତ୍ତବ୍ୟ ସଂପାଦନ କରିବେ ଯଦ୍ୱାରା ଅଧିକାର ଓ କର୍ତ୍ତବ୍ୟ ସମତାଳରେ ଚାଲିପାରିବ । ଏହି ପରିପ୍ରେକ୍ଷୀରେ ଆଜି ଆମ ଦେଶ ଯେଉଁ ସବୁ ଚାଲେଞ୍ଜର ସମ୍ମୁଖୀନ ହେଉଛି ଏବଂ ଆମମାନଙ୍କ ଉଚ୍ଚତର ଆଶା ଆକାଂକ୍ଷାକୁ ସାକାର କରିବା ନିମନ୍ତେ ଦେଶର ସମସ୍ତ ନାଗରିକମାନଙ୍କର ରାଷ୍ଟ୍ର ପ୍ରତି ସମର୍ପିତ ଭାବେ କିଛି କର୍ତ୍ତବ୍ୟ ସଂପାଦନର ମଧ୍ୟ ଦାୟୀତ୍ୱ ରହିଛି । ଆମେମାନେ ଯଦି ଏକବିଂଶ ଶତାବ୍ଦୀକୁ ଭାରତର ଶତାବ୍ଦୀ ଭାବେ ଦେଖିବାକୁ ଚାହୁଁ ତେବେ ଏହାର ସମସ୍ତ ନାଗରିକଙ୍କୁ ମଧ୍ୟ ତଦନୁସାରେ ସମର୍ପଣ ଭାବନାର ସହ କାର୍ଯ୍ୟ କରିବାକୁ ପଡ଼ିବ । ନିର୍ବିବାଦରେ ଏହା କୁହାଯାଇପାରିବ ଯେ ଭାରତର ସମସ୍ତ ନାଗରିକଙ୍କୁ ନିଜର ନାଗରିକର ପରମ ଓ ଚରମ ପରାକାଷ୍ଠା ପ୍ରଦର୍ଶନ ପୂର୍ବକ ଦେଶପାଇଁ କିଛି କର୍ତ୍ତବ୍ୟ କରିବାକୁ ପଡ଼ିବ ଯାହା ଫଳରେ ରାଷ୍ଟ୍ର ପ୍ରଗତି ଓ ସମୃଦ୍ଧି ପଥରେ ଆଗକୁ ଅଗ୍ରସର ହୋଇପାରିବ । ଏହା ନୂତନ ଭାରତ ନିର୍ମାଣର ପରିକଳ୍ପନା ହୋଇଥାଉ ଅଥବା ଆତ୍ମ ନିର୍ଭର ଭାରତ ଲକ୍ଷ୍ୟ ହାସଲ କରିବା ସଂକଳ୍ପ ହୋଇଥାଉ, ଏହିସବୁ ଲକ୍ଷ୍ୟ ସେତିକିବେଳେ ସହଜରେ ହାସଲ ହୋଇପାରିବ ଯେତେବେଳେ ଦେଶର ସମସ୍ତ ନାଗରିକ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରିବେ ଏବଂ ନିଜ ନିଜର ସାମ୍ବିଧାନିକ କର୍ତ୍ତବ୍ୟ ସଂପାଦନ କରିବେ । ଆମର ଆଶା ଓ ବିଶ୍ୱାସ ଯେ ଦେଶଣ ପ୍ରତ୍ୟେକ ସଚେତନ ନାଗରିକ ବିଶେଷ କରି ଆମର ଯୁବ-ସମାଜ ସେମାନଙ୍କରମୌଳିକ କର୍ତ୍ତବ୍ୟ ଯାହାକି ସମ୍ବିଧାନରେ ସ୍ପଷ୍ଟରୂପେ ଉଲ୍ଲେଖ ରହିଛି ସେଥିପ୍ରତି ସଚେତନ ରହିବେ ତଥା ସେମାନଙ୍କର ପ୍ରତ୍ୟକ କାର୍ଯ୍ୟରେ ଏହା ପ୍ରତିଫଳିତ ହେଉଥିବ । ସମ୍ବିଧାନ ପ୍ରଣୀତ ହେବାର ୭୨ ବର୍ଷ ପୂରଣ ହୋଇଛି । ଏହି ଅବସରରେ ଆମେ ଆମର ସମ୍ବିଧାନ ପ୍ରଣୋତାମାନଙ୍କ ଦୂରଦୃଷ୍ଟି ଓ ଚିନ୍ତନକୁ ନମସ୍କାର ପୂର୍ବକ ସପଥ ନେବା ଆବଶ୍ୟକ ଯେ ସେମାନେ ଯେଉଁ ସାମ୍ବିଧାନିକ ନିତୀ ଓ ବ୍ୟବସ୍ଥା ଆମ ପାଇଁ ରଖିଯାଇଛନ୍ତି ସେଥିପ୍ରତି ଆମେମାନେ ସଦାସର୍ବଦା ଆଙ୍ଗୀକାରବଦ୍ଧ ରହିବା ଏବଂ ରାଷ୍ଟ୍ରକୁ "ଏକ ଭାରତ ଶ୍ରେଷ୍ଠ ଭାରତ" ନିର୍ମାଣ ଦିଗରେ ଆଗକୁ ଆଗେଇ ନେବା ସକାଶେ ସଂକଳ୍ପବଦ୍ଧ ହେବା । ବସ୍ତୁତଃ ଆଜି ଭାରତର ଜଣେ ଜଣେ ସଚେତନ ନାଗରିକ ଭାବେ, ସମ୍ବିଧାନ ଆମମାନଙ୍କୁ ଯେଉଁ ଅଧିକାର ପ୍ରଦାନ କରିଛି ସେଥିପ୍ରତି ଆମେ ସଦାବେଳେ ସଚେତନ ରହିବା ବାଞ୍ଛନୀୟ । ସମ୍ବିଧାନ ଆମ ମାନଙ୍କୁ ଅଧିକାର ପ୍ରଦାନ କରିଛି ଏବଂ ତାହା ଆମ ନିକଟରେ ସଦାବେଳେ ରହିବ । କିନ୍ତୁ ସଚେତନ ନାଗରିକ ହିସାବରେ ଆମକୁ ମଧ୍ୟ ରାଷ୍ଟ୍ରପ୍ରତି ଏବଂ ଅନ୍ୟ ନାଗରିକଙ୍କ ପ୍ରତିଥିବା ଆମର କର୍ତ୍ତବ୍ୟ ଓ ଦାୟୀତ୍ୱ ନିଷ୍ଠାର ସହ ସଂପାଦନ କରିବାକୁ ହେବ । ତାହେଲେ ହିଁ ଏକବିଂଶ ଶତାବ୍ଦୀ ନିଶ୍ଚିତ ଭାବେ ଭାରତର ଶତାବ୍ଦୀ ହୋଇପାରିବ ।

## ପଥ...

**କୈଳାସ ବେହେରା**

ଏ ପଥ ପଡିଛି ଦୂର ବହୁ ଦୂର
ଭେଦିଛି ଦିଗନ୍ତ ବକ୍ଷ
ଚାଲିବାକୁ ଅଛି ଆଗକୁ ଆଗକୁ
ଯେତେ ଦୂରେ ଅଛି ଲକ୍ଷ ।

କେତେ ଯେ ଆସିଲି ପଥ ଅତିକ୍ରମି
କେତେ ଯେ ରହିଛି ବାକି
ଉଜେଁଇ ଆଳସ୍ୟ ପୁଣି ମୁଁ ଚାଲିବି
ପଡିବି ନାହିଁ ତ ଥକି ।

କେବେ ସମତଳ କେବେ ବା ବନ୍ଧୁର
କେବେ ବା ପିଚ୍ଛିଳ ପଥ
କେବେ ଘୂର୍ଣ୍ଣିଝଡ, କେବେ ନିଏ ମୋଡ
କେବେ ପାଦ ହୁଏ ଶ୍ଳଥ ।

କେବେ ସୂର୍ଯ୍ୟୋଦୟ ଆଲୋକ ପାର୍ବଣ
କେବେ ଫୁଟାଫୁଲ ହାଟ
ଚୋରା ଚଇତାଳି କେବେ ନିଏ ହରି
ନିଦାଘ ଦାରୁଣ କଷ୍ଟ ।

ଥକି ଯିବି ନାହିଁ ଚାଲିବି ଚାଲିବି
ଦେହେ ଥିବା ଯାଏ ପ୍ରାଣ
ଭାଙ୍ଗିବି ପାହାଡ ନିଶ୍ୱାସ ଘାତରେ
ଭେଦିବି ଲୁହାର ବାଡ ।

ଏ ପାଦ ମୋହର ଥମିବ କାହିଁକି
ନେଉ ପଥ ଯେତେ ମୋଡ
ଦେବି ବଦଳାଇ ଅଣାୟ ପଥେ
ଲକ୍ଷ ମୋର ଅଛି ସ୍ଥିର
ଭେଟ ହୁଏ କେତେ ପଥିକ ସଙ୍ଗରେ
ଭିନ୍ନ ଭିନ୍ନ ଥାଏ ଲକ୍ଷ୍ୟ
ଛକ ବୁଲାଣିରେ ଛାଡିବାକୁ ହୁଏ
ସେହିଠାରେ ସେହି ସଖ୍ୟ ।

ହାତେ ହାତ କିଏ ଥାପିଦିଏ ଯେବେ
ନିବିଡ ଆତ୍ମୀୟ ଭାବେ
ପଥଚଲା କ୍ଲେଶ ସିନା ଉପଶମେ
ପାଦ କ୍ଷେପିଯାଏ ଦମ୍ଭେ ।

+ବାଳକାଟି (ଖୋର୍ଦ୍ଧା)

# କଳା ଓ ସାହିତ୍ୟ ଜଗତର ଅମ୍ଳାନ ବ୍ୟକ୍ତିତ୍ୱ ଅଭିନେତା ପରୀକ୍ଷିତ

ହଳଧର ଧୀର

ଯେ ଜୀବନ ଧାଇଁ ଧାଇଁ ଲୀନ ହୁଏ ଅଗଣିତ ମାନବ ଜୀବନ ମହା ଶ୍ରୋତେ, ମରଣ ବିଜୟୀ ସେତ ଏମର ସଂସାର କୋଳେ ଅମର ସେ ଇତିହାସ ଗାତ୍ରେ । ଗୋଟିଏ ଜୀବନ ଓହ୍ଲାଇ ଆସେ ଏ ବସୁଧାକୁ, ସମୟର କୋଷାଘାତରେ ପୁଣି ଦିନେ ଶୂନ୍ୟ ହୋଇଯାଏ, ସେହି ମହାସତ୍ୟର ମହାକାଳ ଦେଇରେ ପାଣି ଫଠୋକା ପରି ମହାକାଳର ସ୍ରୋତରେ । ଏମିତି ବି ଜୀବନ ବଞ୍ଚିରହେ ଯାହା ଉଭେଇ ଯାଏ ନାହିଁ ମଣିଷର ସ୍ମୃତି ପଟରୁ, ଯାହା ସରିଯାଏ ନାହିଁ ଆଖି ପଲୋକରେ ଜୀବନର ସ୍ୱପ୍ନ ସାକାର ହୁଏ କର୍ମ ଓ ନିଷ୍ଠାରେ । ଉତ୍ସର୍ଗୀକୃତ ଜୀବନ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଅମର କରେ । ମମତାର ସେତୁ ବନ୍ଧରେ ସମସ୍ତଙ୍କୁ ଚଲାଇ ପାରୁଥିବା ସମସ୍ତଙ୍କ ମୁହଁରେ ହସ ଫୁଟାଇ ପାରୁଥିବା ନିଷ୍ଠା, ସଂକଳ୍ପ, ସାଧନା, ଦାମ୍ଭିକତା ସମସ୍ତଙ୍କୁ ସ୍ନେହର ଡୋରିରେ ବାନ୍ଧି ପାରୁଥିବା ସେହି ଅମୃତମୟ ପୁରୁଷ ଯାହାଙ୍କ ଆଖିରେ ଥିଲା ଅନେକ ସ୍ୱପ୍ନ । ନିଜ ପାଇଁ ନୁହେଁ ଏକ ସୁନ୍ଦର ସମାଜ ପାଇଁ । ଶ୍ରଦ୍ଧା ଓ ସମ୍ମାନର ବ୍ୟକ୍ତିଟିଏ । ଯାହାଙ୍କର ବଚନରେ ନମ୍ରତା, ଅହଂକାରହୀନତା, ଦାମ୍ଭିକତା, ଆଖିରେ ଥିଲା ତାଙ୍କର ଅନେକ ସ୍ୱପ୍ନ, ସ୍ୱପ୍ନ ନିଜ ପାଇଁ ନୁହେଁ । ପରକୁ ଆପଣାର କରୁଥିଲେ ମମତାର ଫୁଲ ହୋଇ ସାରସ୍ୱତ ବଗିଚାରେ ଫୁଟୁଥିଲେ, ସତ୍ୟ ଓ ଶାନ୍ତିର କୁହୁକ ମନ୍ତ୍ର ଫୁଙ୍କୁଥିଲେ । ଗୁଣ୍ଡୁଚିର ଧର୍ମ ନେଇ ମମତାର ସେତୁ ବାନ୍ଧୁଥିଲେ । ୧୯୪୨ ମସିହା ଅକ୍ଟୋବର ମାସରେ ଭଦ୍ରକ ଜିଲ୍ଲା ଧାମନଗର ଅଂଚଳର ମହୁରା ଗ୍ରାମରେ ପିତା ରଘୁନାଥ ଜେନା ଓ ମାତା ମଲ୍ଲୀଜେନାଙ୍କ ସୁଯୋଗ୍ୟ



ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ଯଜ୍ଞଦତ୍ତ ଶର୍ମାଙ୍କ ଦ୍ୱାରା ଚଲାପଥ ସମ୍ମାନରେ ସମ୍ମାନିତ ସାହିତ୍ୟିକ, ସଂପାଦକ, ସିନେ ସାମ୍ବାଦିକ ଓ ଅଭିନେତା ପରିକ୍ଷିତ ଜେନା ଚଲାପଥ ଦ୍ୱାରା ସମ୍ମାନିତ ଶାରସ୍ୱତ ସ୍ରଷ୍ଟାମାନଙ୍କ ଗହଣରେ ।

ସନ୍ତାନ ଓଡ଼ିଶାର ଜଣାଶୁଣା ସାରସ୍ୱତ ବ୍ୟକ୍ତିତ୍ୱ ବାଣୀଚିତ୍ରର ପ୍ରତିଷ୍ଠାତା ସମ୍ପାଦକ ବାଣୀଚିତ୍ର ଚଳଚିତ୍ର ପୁରସ୍କାରର ପ୍ରତିଷ୍ଠାତା, ସାହିତ୍ୟିକ, ସିନେ ସାମ୍ବାଦିକ, ଚଳଚିତ୍ର ଅଭିନେତା ପରିକ୍ଷୀତ ଜେନା । କଳା ସାହିତ୍ୟ ସଂସ୍କୃତିକୁ ତାଙ୍କର ବହୁ ଅବଦାନ ରହିଛି । ଜୀବନ ସଂଗ୍ରାମରେ ସେ ପଛକୁ କେବେ ଫେରି ଚାହିଁ ନାହାନ୍ତି ସଫଳତାର ପାହାଛ ସେ ଅତିକ୍ରମିଛନ୍ତି । ୫୦ ବର୍ଷ ଧରି ୧୯୬୯ ମସିହାରୁ ଚଳଚିତ୍ର ପତ୍ରିକା ବାଣୀଚିତ୍ର ପ୍ରକଶ କରି ଆସୁଥିଲେ । ବାଣୀଚିତ୍ର ଚଳଚିତ୍ର ପୁରସ୍କାର ଉତ୍ସବ ଆୟୋଜନ କରି ଓଡ଼ିଆ ଚଳଚିତ୍ର ଜଗତର ପ୍ରବିଣ ଓ ନବାଗତ କଳାକାର ମାନଙ୍କୁ ପ୍ରୋତ୍ସାହିତ କରି ଆସୁଥିଲେ । ବାଣୀଚିତ୍ର ସିନେ ପୁରସ୍କାର ପାଇ କଳାକାର ଓ ଟେକ୍ନିସିଆନ୍ ପ୍ରତିଭା ମାନେ ନିଜକୁ ଯେତିକି ଗୌରବାନ୍ୱିତ ମନେକରୁଥିଲେ, ସରକାରଙ୍କ ଦ୍ୱାରା ପ୍ରଦତ୍ତ ଚଳଚିତ୍ର ପୁରସ୍କାର ଲାଭ କରି ମଧ୍ୟ ସେତିକି ଉତ୍ସାହିତ ନଥିଲେ । ବାଣୀଚିତ୍ର ପୁରସ୍କାର ସେମାନଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରୁଥିଲା । ରାଜ୍ୟ ସଚିବାଳୟରୁ ସେ ପ୍ରଥମ ଶ୍ରେଣୀ (କନିଷ୍ଠବର୍ଗ ଅଫିସର ଭାବେ) ଅବସର ଗ୍ରହଣ କରିଥିଲେ ବି କେବେବି ତାଙ୍କ ମନରେ ନୈରାଶ୍ୟ ଭାବ ସୃଷ୍ଟି ହୋଇ ପାରିନଥିଲା । ସମ୍ପାଦନ ଓ ପ୍ରକାଶନ କ୍ଷେତ୍ରରେ ସେ ଜଣେ ଅଗ୍ରଣୀ ବ୍ୟକ୍ତି ଥିଲେ । ଜଣେ ସିନେ ସାମ୍ବାଦିକ ଭାବେ ଚଳଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ବିତରକ ଓ କଳାକାର ମାନଙ୍କ ମହଲରେ ଜଣେ ଭଦ୍ର, ନମ୍ର ଓ ମର୍ଯ୍ୟାଦା ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ବେଶ୍ ଜଣାଶୁଣା ଥିଲେ । ଚଳଚିତ୍ର ଦୁନିଆରେ ସେ ଜଣେ ଦକ୍ଷ ସମାଲୋଚକ ବା କ୍ରିଟିକ୍ ଭାବେ ବେଶ୍ ନାଁ କରିଥିଲେ । ତାଙ୍କ ଦ୍ୱାରା ସମ୍ପାଦିତ ଚଳଚିତ୍ର ପତ୍ରିକା ବାଣୀଚିତ୍ର ମାଧ୍ୟମରେ ସିନେ ଜଗତର ସମସ୍ତ ଭଲମନ୍ଦର ରୋଚକ ଲେଖାମାନ ପ୍ରକାଶ କରିଆସୁଥିଲେ । ଖାଲି ସେତିକି ନୁହେଁ ଶାରସ୍ୱତ ଜଗତର ଜଣେ ଜଣାଶୁଣା ଗାଳ୍ପିକ, ନାଟ୍ୟକାର, କଳା ସଂସ୍କୃତିର ଗବେଷକ, ବହୁ ସିନେ ମେଗାଜିନ୍‌ର ଲେଖକ, ଅନେକ ଦୈନିକ ସମ୍ବାଦପତ୍ର କଳା ସାହିତ୍ୟ ଚଳଚିତ୍ର ପୃଷ୍ଠାର ଲେଖକ ଓ ସଂଯୋଜକ, ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ନାଟ୍ୟକାର ଭାବେ ନିଜ ଶାରସ୍ୱତ ପ୍ରତିଭାର ପରିଚୟ ଦେଇ ଏ କ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଥିଲେ । ଖାଲି ସେତିକି ନୁହେଁ, ଆମ "ଓଡ଼ିଆ ଚଳଚିତ୍ର ଇତିହାସ" ପୁସ୍ତକ ରଚନା କରି ପାଠକର ମନ ଓ ହୃଦୟକୁ ବେଶ୍ ଛୁଇଁ ପାରିଥିଲେ । କିଏ କାହାର, ବନ୍ଧନ, ସ୍ତ୍ରୀ, ବାଜି, ପ୍ରଭୃତି ଚଳଚିତ୍ରର ଅଭିନେତା ଭାବେ ତାଙ୍କର ଜୀବନ୍ତ ଅଭିନୟ ଦର୍ଶକର ହୃଦୟକୁ ଛୁଇଁ ପାରିଥିଲା । ସେ ଓଡ଼ିଶାର ବହୁ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ରହି ସେମାନଙ୍କୁ ଉତ୍ସାହିତ କରୁଥିଲେ । ସେ ମୁଖ୍ୟ ସମ୍ପାଦକ ବାଣୀଚିତ୍ର, ଉପଦେଷ୍ଟା ସିନେ କ୍ରୀଟିକ୍ ଆସୋସିଏସନ୍, ଉପସଭାପତି ଓଡ଼ିଶା ସିନେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍, ସଭାପତି ସିନେ ପ୍ରତିକା ସମ୍ପାଦକ ଓ ସାମ୍ବାଦିକ ଆସୋସିଏସନ୍, ଉପଦେଷ୍ଟା ରଙ୍ଗମ୍ ଏବଂ ଓମ୍ ଶ୍ରୀ ସଂସ୍ଥା ଓ ଚଳାପଥ ପରି ବହୁ ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ସଦସ୍ୟ, କର୍ମକର୍ତ୍ତା, କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ । ବହୁ ନାଟକ ମହୋତ୍ସବର ଜୁରୀ ମେମ୍ବର ଓ ବିଚାରକ ଭାବେ ରାଜ୍ୟ ଓ ରାଜ୍ୟ ବାହାରେ ବେଶ୍ ଖ୍ୟାତି ଅର୍ଜନ କରିବା ସହିତ ବହୁ ନାଟ୍ୟ ସଂସ୍ଥାର ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପତିତପାବନ ଯାତ୍ରା ଉତ୍ସବର ଜୁରୀ ମେମ୍ବର ଭାବେ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଥିଲେ । ଓଟିଭି ତରଙ୍ଗ ଆୱାର୍ଡର ଜୁରୀ ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ଆଗାମୀ ଦୁନିଆ ସମ୍ବାଦପତ୍ରର ଅବୈତନିକ ସମ୍ପାଦକ ଭାବେ ଦାୟୀତ୍ୱ ନିର୍ବାହ କରିଆସୁଥିଲେ । ତାଙ୍କ ସାଧନାର ସିଦ୍ଧି ପାଇଁ ତାଙ୍କୁ ଚଲାପଥ ସମ୍ମାନ, ଓଡ଼ିଶା ସିନେ କ୍ରୀଟିକ୍ ସମ୍ମାନ, ଚଳଚିତ୍ର ଜଗତ ମିଲେନିୟମ ଆୱାର୍ଡ, ପଞ୍ଚମ୍ ବେଦ ସମ୍ମାନ, ଆଖି ସମ୍ମାନ, ବୈଶବିଳାଶ ସମ୍ମାନ, ଚିତ୍ରପୁରୀ ସମ୍ମାନ, ରଙ୍ଗମ୍ ସମ୍ମାନ, ନ୍ୟାସନାଲ୍ ଜର୍ଣ୍ଣାଲିଷ୍ଟ ରାଜ୍ୟସ୍ତରୀୟ ସମ୍ମାନ, ସଂକଳ୍ପ ସମ୍ମାନ, କଳାନିଧି-ବାଞ୍ଛାନିଧି ସମ୍ମାନ, ମନୋସା ସମ୍ମାନ ପ୍ରଭୃତି ଅନେକ ସମ୍ମାନ ଓ ପୁରସ୍କାର ମିଳିଛି । ନିଜର ଜୀବନ ବ୍ୟାପି ସାଧନା ପାଇଁ ତାଙ୍କୁ ମିଳିଛି ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଅରଟ...

**ଡକ୍ଟର ଅଜୟ ମିଶ୍ର**

ଗାନ୍ଧୀ ଅମଳରୁ ଅଧିକ ବଅସ
ଅରଟ ନାମ
ଭିଣାତୂଳାଠାରୁ ସୂତା ତିଆରିବା
ମୋଅର କାମ ।
କାଠ ଚକତିରେ ଦିଇପାଖେ ଛନ୍ଦା
ଛଅ ଛଅ ଅର
ବଡ ଚକତିରୁ ସାନ ଚକତିଟି
ଅଳପ ଦୂର ।
ବଡେ ଘୁରାଇଲେ ସାନଚକତିଟା
ଛାଆକୁ ଘୁରେ
ଚକତି ଦିଇଟା ଛନ୍ଦା ହୋଇଥାଏ
ଡୋରି ସୂତାରେ ।
ସାନଚକତିର ବାହାର ପାଶରେ
ତାକୁଡି ଖଞ୍ଜା
ତାକୁଡି ବୁଲାଇ ସୂତାକଟା ଧନ୍ଦା
ବଢିଆ ମଜା ।
ଦେଶୀ ଅରଟକୁ ଢୋକି ପକାଇଲା
ବିଦେଶୀ କଳ
ଦେଶୀକୁ ଆଦରି ନେବାପାଇଁ ବାପୁ
ହେଲେ ବ୍ୟାକୁଳ ।
ଅରଟ ଘୂରାଇ ମହାତମା ଦେଲେ
ଯେଉଁ ଡାକରା
ମାଟି ମାଆ ପାଇଁ ମାତିଗଲା ସିନା
ଦେଶଟା ସାରା ।
ଗାନ୍ଧୀ-କୃଷ୍ଣଙ୍କ ହାତେ ଘୂରୁଥିଲି
ଚକର ପ୍ରାୟ
ବିଦେଶୀଙ୍କ ମଥା କାଟି ଏ ଦେଶକୁ
କରିଲି ଥୟ ।
ବିଦେଶୀ ବେପାରୀ ଛାଡି ପଳାଇଲା
ଭାରତଭୂଇଁ
ତ୍ରିରଙ୍ଗା ଉଡିଲା ଏ ମାଟି ମାଆର
ଜୈତ୍ରୀ ଗାଇ ।
ସ୍ୱାଧୀନ ହେଲାରୁ ମତେ ଭୁଲିଗଲେ
ମୋ ଦେଶବାସୀ
ତେଣୁ ଆଶ୍ରାନେଲି ମିଶ୍ରଶାଳରେ
ନିଜେ ମୁଁ ଆସି ।

+ମିଶ୍ରଶାଳ, ମଧୁପାଟଣା, କଟକ

## ଦୁଇ ଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋପାଳଜୀୟୁ ଚାମ୍ପିୟାନ୍

କେନ୍ଦ୍ରାପଡ଼ା,୨୫।୧ (ନି.ପ୍ର): କେନ୍ଦ୍ରାପଡାର ଆଜାଦ୍ ଷ୍ପୋର୍ଟିଂ କ୍ଲବ ପକ୍ଷରୁ ଗତ ଦୁଇଦିନ ଧରି ଚାଲିଥିବା ସିନିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪ଟି ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଫାଇନାଲ ମ୍ୟାଚରେ ମେଡିକାଲ ଛକର ଶ୍ରୀ ଗୋପାଳଜୀୟୁ କ୍ରିକେଟ୍ ଟିମ୍ ହଜାରୀର କ୍ରିକେଟ୍ ଟିମ୍ (ରାଉତ ବଦରର୍ସ) ସହିତ ଖେଳ ହୋଇଥିଲା । ଏଥିରେ ମେଡିକାଲ ଛକର ଶ୍ରୀ ଗୋପାଳଜୀୟୁ କ୍ରିକେଟ୍ ଟିମ୍ ହଜାରୀର ଟିମକୁ ୩୦ରନରେ ହରାଇ ଚ୍ୟାମ୍ପିୟାନ ହୋଇଛି । ଏହି ମ୍ୟାଚରେ ଚାମ୍ପିୟାନ ହୋଇଥିବା ଗୋପାଳଜୀୟୁ ଟିମ୍‌କୁ ୭ ହଜାର ଟଙ୍କା ସହ ଟ୍ରଫି ମୁଖ୍ୟ ଅତିଥି ହିବୁଜର ରହେମାନ ପ୍ରଦାନ କରିଥିବା ବେଳେ ହଜାରୀର ରାଉତ ବଦର୍ସ ଟିମ୍‌କୁ ରନର୍ସ ଭାବେ ୫ ହଜାର ଟଙ୍କା ଓ ରନର୍ସ କପ କ୍ଲବର ସଭାପତି ସେକ ଲିଆକତ ଅଲ୍ଲୀ ପ୍ରଦାନ କରିଚନ୍ତି ।

# ଉଦଳାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ



ଉଦଳା ,୨୫।୧ (ନି.ପ୍ର): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କର ୨୧୨ ତମ ଜୟନ୍ତୀ ଗୋପବନ୍ଧୁ ମେମୋରିଆଲ ସେବାଟ୍ରଷ୍ଟ ତରଫରୁ ଉଦଳା ଠାରେ ପାଳିତ ହୋଇ ଯାଇଛି । ଏହିଅବସରରେ ଟ୍ରଷ୍ଟର ସଦସ୍ୟ ମାନେ ଦୁଇ ସଂଗ୍ରାମୀଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ କରି ଦେଶପାଇଁ ତାଙ୍କର ତ୍ୟାଗ ଓ ବଳୀଦାନକୁ ମନେପକାଇଥିଲେ । ଏହାପରେ ଟ୍ରଷ୍ଟର ସଭାପତି ସାମ୍ବାଦିକା ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ଟ୍ରଷ୍ଟର ସଂପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା ଓଡ଼ିଶାର ଏହି ଦୁଇ ମହାନ ସଂଗ୍ରାମୀ ସ୍ୱାଧିନତା ଆନ୍ଦୋଳନରେ ଯେଉଁ ଅତୁଳନୀୟ ଅବଦାନ ରଖିଯାଇଛନ୍ତି ତାହା ଭାରତର ଇତିହାସକୁ ଋଦ୍ଧିମନ୍ତ କରୁଛି ବୋଲି ବ୍ୟକ୍ତ କରିଥିଲେ । ଉଦଳା ମହାବିଦ୍ୟାଳୟର ଅଧାପକ ସୌମେନ୍ଦ୍ର କୁମାର ଦାଶ ଆଜିର ପିଢ଼ି ଓ ପରପିଢ଼ି ଆମର ସ୍ୱାଧିନତା ସଂଗ୍ରାମୀ ମାନଙ୍କ ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ଅଧିକରୁ ଅଧିକ ଜାଣିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଜନଜାଗୃତି ମଞ୍ଚର କର୍ମୀ ସୁବ୍ରତ କୁମାର ମହାନ୍ତି ପୁରିରେ ନେତାଜୀଙ୍କ ପୌତୃକ ଘର ତାଙ୍କ ପିତା ଜାନକୀ ନାଥ ବୋଷଙ୍କ ନାମରେ ରହିଛି କହିବା ସହିତ ଏହି ଶତାଧିକ ବର୍ଷର କୋଠା ବହୁ ବର୍ଷ ଧରି ଜନସାଧାରଣଙ୍କ ଆଢୁଆଳରେ ରହିଥିଲା । ୨୦୧୯ ମସିହାରେ ଏହା ନେତାଜୀ ସଂଗ୍ରହାଳୟରେ ପରିଣତ ହେବା ପରେ ପର୍ଯ୍ୟଟକ ମାନଙ୍କ ପାଇଁ ଖୋଲା ରହିବାର ଜଣାଇଥିଲେ । ସଂଗଠକ ମନୋରଂଜନ ମଲ୍ଲିକ ନେତାଜୀ ଗଠନ କରିଥିବା ଆଜାଦହିନ୍ଦ ଫୌଜର ପରାକ୍ରମ କିପରି ଇଂରେଜ ସରକାରଙ୍କୁ ଭୟଭୀତ କରିପକାଇଥିଲା ଓ ଏହାର ପରିଣାମ ସ୍ୱରୂପ ଇଂରେଜ ସରକାର ଦେଶକୁ ସ୍ୱାଧୀନ କରିବାକୁ ବାଧ ହେଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧାପକ ଡ଼. ଶ୍ରାମସୁନ୍ଦର ପଣ୍ଡା ସମଗ୍ର ଭାରତବର୍ଷରେ ଯେତେ ସ୍ୱାଧିନତା ସଂଗ୍ରାମୀ ଅଚନ୍ତି ତାଙ୍କ ମଧ୍ୟରେ ସବୁଠାରୁ ଅଧିକ ଦିନ କାରାଦଣ୍ଡ ଭୋଗିଥିବା ସଂଗ୍ରାମୀ ତାଲିକାରେ ବୀର ସୁରେନ୍ଦ୍ର ସାଏଙ୍କ ନାମ ଦେଖିବାକୁ ମିଳେ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବି ସତ୍ୟବ୍ରତ ମିଶ୍ର ଓ ରଜତ କୁମାର ମହାପାତ୍ର, ଏକଲ ଅଭିଯାନର କର୍ମୀ ମହେନ୍ଦ୍ର ମାର୍ଣ୍ଡି ଓ ଇତି ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ରବିକାନ୍ତ ମହାପାତ୍ର, ସୁବାସିନି ବେହେରା ପ୍ରମୁଖ ଅଂଶଗ୍ରହଣ କରି କେନ୍ଦ୍ର ସରକାର ଆଜିର ଏହି ଦିବସଟିକୁ 'ପରାକ୍ରମ ଦିବସ ରୂପେ' ସମଗ୍ର ଭାରତ ବର୍ଷରେ ପାଳନକ ରିବାକୁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ବାସ୍ତବରେ ସ୍ୱାଗତଯୋଗ୍ୟ ବୋଲି ବ୍ୟକ୍ତ କରିଥିଲେ । ସାମ୍ବାଦକି ଶୁଭାଶିଷ ପତି ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଣିକୋଇଲିରେ ପ୍ରଚାର ଅଭିଯାନ ଯାଠାକୁ ସ୍ୱାଗତ

କୋରେଇ,୨୫।୧ (ନି.ପ୍ର): ସିଆଇଟିୟୁ ଓଡିଶା ରାଜ୍ୟ କମିଟି ପକ୍ଷରୁ ଶ୍ରମିକ ବିରୋଧି ୪ଟି କୋର୍ଡ ପ୍ରତ୍ୟାହାର, କୃଷକ ବିରୋଧି ୩ଟି କୃଷି ଆଇନ ପ୍ରତ୍ୟାହାର, ୨୦୨୦ ବିଦ୍ୟୁତ୍ ବିଲ ପ୍ରତ୍ୟାହାର, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ, ନିର୍ମାଣ ଶ୍ରମିକଙ୍କ ପଂଜୀକୃତ କରି ସୁବିଧା ଯୋଗାଇବା, ୨ଶହ ଦିନର ମନରେଗା କାମର ଗ୍ୟାରେଂଟି, ଖାଲିଥିବା ସରକାରୀ ପଦବୀରେ ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତ, ସ୍କିମ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା, ଆୟକର ଦେଉନଥିବା ପରିବାରକୁ ମାସିକ ୭୫୦୦ ଟଙ୍କା ଯୋଗାଇବା, ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟ , ପୁରଣା ପେନସନ ପଦ୍ଧତି ଲାଗୁ ଓ ଅନ୍ୟାନ ଦାବିରେ ୨୩ ଜାନୁଆରୀ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀରୁ ରାଜ୍ୟବ୍ୟାପୀ ପ୍ରଚାର ଅଭିଯାନ ଯାଠାକୁ ପାଣିକୋଇଲିରେ ସ୍ୱାଗତ କରାଯାଇଛି । ଏହି ପ୍ରଚାର କାର୍ଯ୍ୟକ୍ରମ ପରେ ୨୯ ଜାନୁଆରୀ ଭୁବନେଶ୍ୱର ଲୋୟର ପିଏମଜି ଠାରେ ବିଶାଳ ଶ୍ରମିକ ସମାବେଶ ସିଆଇଟିୟୁ ଡାକରାରେ ଅନୁଷ୍ଠିତ ହେବ । ସିଆଇଟିୟୁ ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁଙ୍କ ନେତୃତ୍ୱରେ ସନ୍ତୋଷ ପ୍ରଧାନ, ଅମୂଲ୍ୟ ବେହେରା ଓ ପ୍ରଦ୍ୟୁମ୍ନ ମହାନ୍ତିଙ୍କୁ ନେଇ ପାଣିକୋଇଲି ରେ ପହଂଚି ସରକାରଙ୍କ ଶ୍ରମ ଓ କୃଷି ଆଇନ ସମ୍ପର୍କରେ ଏକ ପଥପ୍ରାନ୍ତ ସଭା ଡା. ନିର୍ମଳ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସୁରେଶ ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ବାରିକ, ଅଭୟ ଓଝା, ପ୍ରତ୍ୟୁଷ ସାହୁ, କିର୍ତନ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଯାଠା ପ୍ରତିନିଧି ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ଜରାଇଥିଲେ ।

## ପ୍ରାଣୀଧନ ନିରିକ୍ଷକ ନିଯୁକ୍ତି ହେଉ ନଥିବାରୁ ଜିଲ୍ଲା ପରିଷଦ ବୈଠକରେ ଉଦ୍‌ବେଗ

କେନ୍ଦ୍ରାପଡ଼ା,୨୫।୧ (ନି.ପ୍ର): ଜିଲ୍ଲାରେ ପଶୁ ସମ୍ପଦର ଚିକିତ୍ସା ପାଇଁ ପ୍ରାଣୀଧନ ଚିକିତ୍ସାଳୟ କାର୍ଯ୍ୟ କରୁଥିବା ବେଳେ ଏହା ଅଧିନରେ ଓ ଗ୍ରାମ ପଂଚାୟତ ସ୍ତରରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ପ୍ରାଣୀଧନ ନିରିକ୍ଷକ ଓ ଗୋ-ମିତ୍ର ମାନେ ଦୀର୍ଘ ୧୦ବର୍ଷ ହେଲା କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ନିଯୁକ୍ତି ମିଳୁନାହିଁ । ଜିଲ୍ଲା ପଶୁ ସମ୍ପଦ ବିଭାଗର ଅବହେଳାରୁ ଏମାନଙ୍କୁ ନିଯୁକ୍ତି ମିଳୁ ନଥିବା ଅଭିଯୋଗ ହୋଇଛି । ଚଳିତ ମାସ ୨୨ ତାରିଖରେ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ କରାଯିବା ସହ ଉପସ୍ଥିତ ଥିବା ଅଧିକାରୀଙ୍କୁ ତାଗିଦା କରାଯାଇ ଥିଲା । ଏଠାରେ ସୁଚନା ଯୋଗ୍ୟ ରାଜ୍ୟ ସରକାର ଅସ୍ଥାୟୀ ଭାବେ କାମ କରୁଥିବା ଏହି କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଜିଲ୍ଲା ପଶୁ ସମ୍ପଦ ବିବାଗ ଅଧିନରେ ସେମାନଙ୍କର ପରୀକ୍ଷା ଓ ସାକ୍ଷାତକାର (ଇଣ୍ଟରଭିୟୁ) କରାଇଥିଲେ । ମାତ୍ର ସେହି ପରୀକ୍ଷା ଓ ସାକ୍ଷାତକାର (ଇଣ୍ଟରଭିୟୁ)ର ଦୁଇ ବର୍ଷ ପୁରି ଯାଇଥିଲେ ମଧ କୌଣସି ଫଳାଫଳ ପ୍ରକାଶ କରାଯାଉ ନାହିଁ କିମ୍ବା ତାଙ୍କୁ ନିଯୁକ୍ତି ଦିଆ ଯାଉ ନଥିବାରୁ ଜିଲ୍ଲା ପରିଷଦ ବୈଠକରେ ଉସ୍ଥିତ ଥିବା ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଏନେଇ ବୈଠକରେ ଅସନ୍ତୋଷ ପ୍ରକାଶ କରିବା ସହ ଶିଘ୍ର ଫଳାଫଳ ପ୍ରକାଶ କରି ନିଯୁକ୍ତି ପ୍ରକ୍ରିୟା ତ୍ୱରାନିତ୍ୱ କରିବା ପାଇଁ ଦାବି ଜଣାଇଥିଲେ ।

# ଥାନା ବାବୁଙ୍କ ବଦଳିକୁ ନେଇ ଜିଲ୍ଲା ପୁଲିସକୁ ହାଇକୋର୍ଟଙ୍କ ଝଟକା

## ଚର୍ଚ୍ଚାରେ ରାଉରକେଲାର ନୂଆ ଓ ପୁରୁଣା ଏସପି

ରାଉରକେଲା,୨୫।୧ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲା ଆର୍ନ୍ତଗତ କୋଇଡା ଥାନା ଅଧିକାରୀଙ୍କ ବଦଳିକୁ ନେଇ ଚର୍ଚ୍ଚା ଜାରୀ ରହିଥିବା ବେଳେ ଏହି ବଦଳିକୁ ନେଇ ନିକଟରେ ମାନ୍ୟବର ହାଇକୋର୍ଟଙ୍କ ଝଟକା ସମ୍ପୃକ୍ତ ଘଟଣାକୁ ଚର୍ଚ୍ଚାଲାଗି ଅଧିକ ଖୋରାକ୍ ଯୋଗାଇବା ସହ ପୁରୁଣା ଓ ନୂଆ ଏସପିଙ୍କୁ ନେଇ ଏବେ ନାନା ଆଲୋଚନା ଆରମ୍ଭ ହୋଇଛି । କୋଇଡା ଥାନା, ସୁନ୍ଦରଗଡ ଜିଲ୍ଲା ରାଉରକେଲା ଏସପିଙ୍କ ଅଧିନରେ ରହିଛି । ଏହି ଥାନା ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ୧୦୦ କିମି ଦୂରରେ ଅବସ୍ଥିତ । ଏଠାରେ ୬୦ରୁ ଅଧିକ ଖଣି ସାଙ୍ଗକୁ ଶହ ଶହ ପରିବହନ ସଂସ୍ଥା, ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି । ଏହି ଥାନା ଅଧିନରେ ଥିବା ଖଣି ଗୁଡିକରୁ ହଜାର ହଜାର କୋଟି ଟଙ୍କାର ଖଣିଜ ସମ୍ପଦ ଲୁଟ୍ ଅଭିଯୋଗ ନେଇ ସାହା କମିଶନ ମଧ ଯାଂଚ୍ କରିଥିଲେ । ତେଣୁ ଏହି ଥାନାକୁ ଅନେକ ଲୋକ ମହାଲକ୍ଷ୍ମୀଙ୍କ କୁବେର ଥାନା ବୋଲି କହିଥାନ୍ତି । ଏହି ଥାନାକୁ ଆସିବା ଲାଗି ପୁଲିସ ବାବୁ ମାନଙ୍କୁ ବେଶ୍ କସରତ ମଧ କରିବାକୁ ପଡିଥାଏ ବୋଲି ଅନେକ ଅବସର ପ୍ରାପ୍ତ ପୁଲିସି ଅଫିସର ମତ ଦେଇଛନ୍ତି । ତେବେ ଏଠାରେ ଦିର୍ଘ ଅଢେଇ ବର୍ଷ କାଳ ରହି ଇନ୍ସପେକ୍ଟର ଶ୍ରୀଯୁକ୍ତ ପିଙ୍ଗୁଆ ଜିବା ପରେ ପୂର୍ବତନ ଏସପି ଏଠାରେ ଥାନା ବାବୁ ଭାବେ ରାମଚନ୍ଦ୍ର ବିଶ୍ୱାଳଙ୍କୁ ୨/୩ ମାସ ତଳେ ଅବସ୍ଥାପିତ କରିଥିଲେ । ହେଲେ ପୂର୍ବତନ ଏସପିଙ୍କ ବଦଳି ହୋଇଜିବା ପରେ ଏଠାରେ ଯୋଗ ଦେଇଛନ୍ତି ନୂଆ ଏସପି । ନୂଆ ଏସପି ଆସିବା ପରେ ଗତ ୧୮ତାରିଖରେ ୨ ମାସର ଥାନା ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱାଳଙ୍କୁ ସେଠାରୁ ବଦଳି କରି ରାଉରକେଲା ମୁଖ୍ୟାଳୟକୁ ଆଣିବା ସହ ରାଉରକେଲା ପୁଲିସ ମୁଖ୍ୟାଳୟରେ ଥିବା ଅଫିସର ଲୋକେଶ୍ୱର ସାହୁଙ୍କୁ କୋଇଡା ଥାନା ଅଧିକାରୀ ଭାବେ ଅଫିସ ଆଦେଶ ନମ୍ବର ୧୮୧ ଅନୁଯାୟୀ ଅବସ୍ଥାପିତ କରିଥିଲେ । ତେବେ ୨ମାସର ଅଧିକାରୀଙ୍କୁ କାହିଁକି ବଦଳି କରାଗଲା ତାର କାରଣ ଅବଶ୍ୟ ଖୋଦ ଏସପି ଜାଣିଥିବେ, କିନ୍ତୁ ଏହି ବଦଳି ପରେ ପୂର୍ବତନ ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ହାଇକୋର୍ଟ ଏହି ଆଦେଶନାମା ଉପରେ ରହିତାଦେଶ ଜାରୀ କରିଛନ୍ତି । ଏହା ପରେ ଏହି ବଦଳିକୁ ନେଇ ଏସପିଙ୍କ ପାଖରେ ମାମଲତକାରୀ କରିଥିବା ବାବୁଙ୍କ ସମେତ ଅନେକ ଅଧିକାରୀ ସାଧାରଣରେ ଚର୍ଚ୍ଚାର ବଳୟକୁ ଆସିଛନ୍ତି । ତେବେ ହାଇକୋର୍ଟଙ୍କ ନିକଟରେ ପିଟିସନ ନମ୍ବର ୨୬୪୭ ଦାଖଲ ହେବାପରେ କୋର୍ଟ ତାଙ୍କ ଆଦେଶ ନମ୍ବର ୧୨୬୭ ତା ୨୧ -୧-୨୧ ଅନୁଯାୟୀ ଏହି ଆଦେଶନାମା ଉପରେ ବିଚାରକରି କହିଛନ୍ତି ଯେ, ପୂର୍ବତନ ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ ମାମଲାର ପରବର୍ତ୍ତୀ ଶୁଣାଣି ଯାଏ କୋଇଡା ଥାନାରୁ ରିଲିଭ୍ ହୋଇପାରିବେ ନାହିଁ । ଏହି ଆଦେଶନାମା ପହଁଚିବା ପରେ ମାମଲାରେ ସମ୍ପୃକ୍ତ ଥିବା ବାବୁ ମାନଙ୍କୁ ବେଶ୍ ଝଟକା ଲାଗିଥିବା କୁହାଯାଉଛି । ଏଠାରେ ପ୍ରଶ୍ନ ଉଠୁଛି, ପୂର୍ବତନ ଏସପି ଶ୍ରୀ ବିଶ୍ୱାଳଙ୍କୁ କେଉଁ ଭିତିରେ କୋଇଡାରେ କଣ ଦେଖି ପୋଷ୍ଟିଂ କରିଥିଲେ, ନୂଆଏସପି କଣ ଦେଖି ତାଙ୍କୁ ସେଠାରୁ ବଦଳି କଲେ ଓ ପୋଷ୍ଟିଂ କରିଥିବା ସାହୁ ବାବୁଙ୍କ ପାଖରେ ରାଉରକେଲାରେ ମାତ୍ର କେଇଦିନ ଭିତରେ କଣ ଦେଖିଲେ ତାଙ୍କୁ କୋଇଡାରେ ଅବସ୍ଥାପିତ କଲେ ସେ ନେଇ ସାଧାରଣରେ ନାନା ଗୁଞ୍ଜରଣ ଆରମ୍ଭ ହୋଇଛି । ଅବଶ୍ୟ ରାଉରକେଲାର ନୂତନ ଏସପିଙ୍କର ସ୍ୱଚ୍ଛତାକୁ ନେଇ ଏଠାରେ ଆଦୌ ପ୍ରଶ୍ନ ଉଠାଯାଉ ନାହିଁ, ବରଂ କାହାର ପରାମର୍ଶରେ ଏଭଳି କାମ ହେଲା ସେ ନେଇ ଆଲୋଚନା ଜୋର୍ ଧରିଛି । ଏହି ପୁଲିସ ଜିଲ୍ଲାରେ ଜକଲଦା ଫାଣ୍ଡି ବାବୁଙ୍କର ୬ ବର୍ଷ ଧରି ବଦଳି ହେଉନଥିବା ବେଳେ, ବ୍ରାହ୍ମଣୀତରଙ୍ଗ, ଉଦିତନଗର, ରଘୁନାଥପାଲ୍ଲୀ ଥାନାକୁ ନେଇ ସାଧାରଣରେ ଅନେକ ଅସନ୍ତୋଷ ରହିଛି । ରାଉରକେଲା ପୁଲିସ ଜିଲ୍ଲାରେ ହୋମଗାର୍ଡ ମାନଙ୍କ ଲାଗି ସରକାରରୁ ଆସିଥିବା ପୋଷାକ ତିଆରି ଲାଗି ୪୦୦ ଟଙ୍କାକୁ କେଉଁ ବାବୁ ଖାଇଥିଲେ ଓ ଏନେଇ ଗଣମାଧମରେ ଖବର ପ୍ରସାରଣ ପରେ ପୁଣି କିଏ ଫେରାଇଲେ, ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଆଜିଯାଏ କାହିଁକି ହେଲା ନାହିଁ, କେବଳ ତଳ ତଳିଆ ଲୋକଙ୍କ ଚୌକି ବଦଳାଇ ଦେଇ ପୂର୍ବତନ ଏସପି କାମ ଚଳାଇଦେଲେ ଓ ମୁଖ୍ୟ ନାୟକ ବଂଚି ଗଲେ ବୋଲି ଜାଣିବା ଶୁଣିବା ମହଲରେ ଆଲୋଚନା ଚାଲିଛି । ଏନେଇ ବଣେଇ ଏସଡିପିଓ ତଦନ୍ତ କରି ଏକ ରିପୋର୍ଟ ମଧ ଉପରିସ୍ଥ ଅଧିକାରୀଙ୍କୁ ଦେଇଥିଲେ । ଏତିକି ବେଳେ ୨ ମାସର କୋଇଡା ଥାନା ବାବୁଙ୍କ ପାଖରେ କଣ ଦେଖା ଗଲାଯେ, ତାଙ୍କର ବଦଳି ହୋଇଗଲା ତାହା ଏବେ ସମସ୍ତଙ୍କୁ ଚକିତ କରିଛି ।

## ଦୁଇଟି ଗାଡି ପୋଡିଲେ ଦୁର୍ବୃତ୍ତ

ମାଲକାନଗିର,୨୫।୧ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମାଡକାମିଗୁଡା ଗ୍ରାମର ଜଗବନ୍ଧୁ ବାରିକ ଓ ଗୋପୀବାରିକ ଦୁଇ ଭାଇଙ୍କ ମୋଟର ସାଇକେଲ କୁ ଗତକାଲି ରାତ୍ରରେ କେହି ଦୁର୍ବୃତ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡିଛି ।ସୂଚନା ଅନୁଯାୟୀ ସବୁଦିନ ପରି ଦୁଇ ଭାଇ ରାତ୍ର ରେ ଘର ସମ୍ମୁଖ ବାରଣ୍ଡାରେ ଗାଡି ରଖି ଶୋଇଥିଲେ ।ହଟାତ ରାତ୍ର ୧ ୧ ଟା ସମୟରେ ଗାଡିର ଟାୟାର ଫାଟି ବା ଶବ୍ଦ ହେବାରୁ ଗାଁ ଲୋକ ଓ ଦୁଇ ଭାଇ ଉଠି ଦେଖିବାରୁ ଗାଡି ଦୁଇ ଟି ଜଳୁଥିଲା ।ଘରେ ନିଆଁ ଲାଗି ବା ଭୟରେ ପରିବାର ଲୋକ ଘରୁ ବାହାରକୁ ଚାଲିଆସିଥିଲେ ।ଦୁଇ ଭାଇ ଙ୍କ କହିବା କଥା ତାଙ୍କର କାହାସହ ଶତ୍ରୁତା ନାହିଁ କି କାହିଁକି ତାଙ୍କ ଗାଡ଼ିରେ ନିଆଁ ଲଗାଇଲା ସେ ନେଇ ସନ୍ଦେହ ରେ ସେମାନେ ଥିବା ପ୍ରକାଶ କରିଥିଲେ ।

# ମନ୍ତ୍ରୀଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ



ଖଇରା,୨୫।୧ (ନି.ପ୍ର): ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ଗାଳ୍ପିକ ଲମ୍ବୋଦର ନନ୍ଦଙ୍କ ଦ୍ୱାରା ଶିଶୁ ଗଳ୍ପ ଲୋକାର୍ପଣ ସହ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବରେ ଓଡିଶାର ପର୍ଯ୍ୟଟନ ମନ୍ତ୍ରୀ ଶିଶୁ କିଶୋର ଗଳ୍ପ ସଂକଳନ, ଭାଲୁରାଜାର ବିଚାର ପୁସ୍ତକ ଲୋକାର୍ପଣ କରିଥିଲେ । ଏହି ଲୋକାର୍ପଣ ଉତ୍ସବରେ ବହୁମାନ୍ୟଗନ୍ୟ ବ୍ୟକ୍ତି ଏବଂ ବିଭିନ୍ନ ଅଞ୍ଚଳରୁ ଆସିଥିବା କବି,ଗାଳ୍ପିକ, ଲେଖକ, ପ୍ରାବନ୍ଧିକ,ସମାଲୋଚକ ଏବଂ ତତ୍ ସହିତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ । ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଏବିଡିଓ ଶକ୍ତିପଦ ପାଇକରାୟ, ଗୋଷ୍ଠିଶିକ୍ଷାଧିକାରୀ ସୁଦର୍ଶନ ରାଉତ, ବରିଷ୍ଠ ଶିଶୁ ସାହିତ୍ୟ ହରମୋହନ କୁଅଁର,ନିହାର ରଞ୍ଜନ କର , ମୁଖ୍ୟ ବକ୍ତା ଓଡିଆ ସାହିତ୍ୟ ସଂସଦର ଏକାଡେମୀର ସଦସ୍ୟ କାଳୀପଦ ପଣ୍ଡ.ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ଡଃ ବିଜୟ କୁମାର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ଖଇରା ମହାବିଦ୍ୟାଳୟର ପୂର୍ବତ୍ତନ ଅଧକ୍ଷ ଉମେଶ ଚନ୍ଦ୍ର ନାୟକ,ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାନ ରାଉତ ସଭାପତିତ୍ୱ କରିଥିବେବେଳେ ଓଡିଆ ସାହତ୍ୟ ଏକାଡେମୀର ସଦସ୍ୟ ଭରତ ଚନ୍ଦ୍ର ଦାସ,ଡଃ ସିନ୍ଧୁ ସେନ,ଡଃ ରବିନ୍ଦ୍ର ବିହାରୀ, ଡଃ ପଦ୍ମଲୋଚନ ମହାକୁଡ, ଚେମେଇ ଦାସ, ଉମାକାନ୍ତ ନାୟକ, ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ସଂଯୋଜିକା ଭାବରେ ନମିତାରାଣୀ ରାଉତ,ରିତାରାଣୀ ଦାସ ଓ ଶ୍ରଦ୍ଧାଞ୍ଜଳୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ପ୍ରମୁଖ କବିମାନଙ୍କ ମଧ୍ୟରେ ଡଃ ଶ୍ୟାମସୁନ୍ଦର ପ୍ରଧାନ,ଦେବେନ୍ଦ୍ର ପ୍ରଧାନ,ମହେନ୍ଦ୍ର ପ୍ରସାଦ ବାରିକ, ସୁନିଲ ମିଶ୍ର, ବୁଦ୍ଧିରାମ ପାଣିଗ୍ରାହୀ, ଚିନ୍ତାମଣୀ ସାହାଣୀ, ମହେଶ୍ୱର ପଣ୍ଡା, ମୁରଲୀଧର ପାଢି ସମେତ ଶେଷରେ ଶିକ୍ଷକ କୈଳାଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିଲେଜ ଚାମ୍ପର ଚାମ୍ପିୟନ୍ ଟ୍ରଫି ୨୦୨୧ ଉଦ୍‌ଘାଟିତ

କନ୍ଧମାଳ,୨୫।୧ (ନି.ପ୍ର): ଫୁଲବାଣୀ ହାଇସ୍କୁଲ ପଡ଼ିଆ ଠାରେ ଭିଲେଜ ଚାମ୍ପ ପକ୍ଷରୁ ଆୟୋଜିତ ଜିଲା ସ୍ତରୀୟ ଚମ୍ପିଆନ୍ ଟ୍ରଫି-୨୧୦୧ କ୍ରିକେଟ୍ ଟୁର୍ଣ୍ଣାମେଂଟ ଆଜି ଉଦ୍‌ଘାଟିତ ହୋଇଛି । ଫୁଲବାଣୀ ପାୟୋନିୟର କ୍ରିକେଟ୍ କ୍ଲବ ସହଯୋଗର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳର ୮ଟି ଦଳ ଭାଗନେଇଛନ୍ତି । ଉଦ୍‌ଘାଟନି ମ୍ୟାଚ୍ ଚକାପାଦ ବ୍ଲକ ଓ ଫୁଲବାଣୀ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଚକାପାଦ ବ୍ଲକ ବିଜୟ ଲାଭ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଆୟୋଜକ ଟିମ୍ ଭିଲେଜ ଚାମ୍ପ ଓ ମର୍ଣ୍ଣ କିଙ୍ଗ୍ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଭିଲେଜ ଟିମ୍ ବିଜୟ ଲାଭ କରିଥିଲେ । ଉଦ୍‌ଘାଟନି ମ୍ୟାଚ୍‌ରେ ଅତିଥିଭାବେ ଜିଲା କ୍ରିଡ଼ା ସଂପାଦକ ଶିବ ପ୍ରସାଦ ତ୍ରିପାଠୀ , ବିରିଷ୍ଠ କ୍ରିଡ଼ାବିତ୍ ଗୌରି ଶଙ୍କର ବେହେରା ,ଆର୍.ରମେଶ କୁମାର ପଟନାୟକ ଓ ଅଶୋକ ମହାପାତ୍ର ଯୋଗଦେଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଅତିଥିଭାବେ ପୁଲିସ୍ ରିଜର୍ଭ ଇନିସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଯୋଗଦେଇଥିଲେ ।

# 'ରାଷ୍ଟ୍ରଦୀପ' ବିତରକଙ୍କ ମାତୃ ବିୟୋଗ



ଉଦଳା ,୨୫।୧ (ନି.ପ୍ର): ସାପ୍ତାହିକ ପତ୍ରୀକା 'ରାଷ୍ଟ୍ରଦୀପ'ର ବିତରକ ତଥା ଉଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସେବକ ପ୍ରଭାସ ଚନ୍ଦ୍ର ନାୟକ ଓରଫ ବାଣ୍ଟୁ ଭାଇଙ୍କର ମା' ହୈମବତୀ ନାୟକଙ୍କର ୧୦୧ ବର୍ଷ ବୟସରେ ଚଳିତ ଜାନୁଆରୀ ୨୧ ତାରିଖ ଗୁରୁବାର ଦିନ ଦେହାନ୍ତ ହୋଇଯାଇଛି । ଉକ୍ତ ଖବର ପ୍ରଚାରିତ ହେବା ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ , ବିଶ୍ୱହିନ୍ଦୁ ପରିଷଦ, ଏକଲ ଅଭିଯାନ ସମେତ ଉଦଳା ଅଞ୍ଚଳରେ ଥିବା 'ରାଷ୍ଟ୍ରଦୀପ'ର ପାଠକ ଓ ଶିଶୁବିଦ୍ୟା ମନ୍ଦିରର ଆଚାର୍ଯ୍ୟ / ଆଚାର୍ଯ୍ୟା ବୃନ୍ଦ ତାଙ୍କର ଉଦଳାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।ହୈମବତୀଙ୍କ ସ୍ୱାମୀ ଂ ସୁରେନ୍ଦ୍ର ନାଥ ନାୟକ ଜଣେ ସ୍ୱାଧିନତା ସଂଗ୍ରାମୀ ଥିଲେ । ଇଂରେଜ ସରକାରଙ୍କ ବିରୁଧରେ ଉଦଳା ଅଞ୍ଚଳରେ ଂ ଗିରିଶଚନ୍ଦ୍ର ରାଏଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଏଥିରେ ସେ ସାମିଲଥିଲେ । ହୈମବତୀ ନିଜେ ଶତାଧିକ ସ୍ୱାଧିନତା ସଂଗ୍ରାମୀଙ୍କୁ ସ୍ୱଚକ୍ଷୁରେ ଦେଖିବା ସହ ସେମାନଙ୍କର ସେବା ଶୁଶ୍ରୁଷା କରିବାର ସୁଯୋଗ ପାଇଥିବାରୁ ଅନେକ ତାଙ୍କୁ ଖୁବ୍ ଭାଗ୍ୟବତୀ ବୋଲି କହୁଥିବାର ଶୁଣିବାକୁ ମିଳେ ।






# ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଯତ୍ନ

ଶୀତଦିନେ ପ୍ରାଣୀପାଳକମାନେ ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟରକ୍ଷା ନେଇ ଚିନ୍ତିତ ଥାଆନ୍ତି । ଠିକ୍ ଭାବରେ ଯତ୍ନ ନନେଲେ ପ୍ରାଣୀସମ୍ପଦର ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ହ୍ରାସଘଟି ଚାଷୀମାନେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥାଏ । ଶୀତ ଦାଉରୁ ପ୍ରାଣୀସମ୍ପଦର ସୁରକ୍ଷା ସହିତ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ନିମନ୍ତେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ବିଧେୟ ।

- ଶୀତ ରାତିରେ ଗୃହପାଳିତ ପ୍ରାଣୀଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ କିମ୍ବା ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ ।
- ଖୋଲା ଗୁହାଳ ହୋଇଥିଲେ ରାତି ସମୟରେ ଜରି, ପାଲ, ଅଖା ଆଦିରେ ଘୋଡ଼େଇ ରଖନ୍ତୁ ।
- ଶୀତ ଦାଉରୁ ଗର୍ଭବତୀ ପ୍ରାଣୀ ତଥା ସେମାନଙ୍କ ଛୁଆଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ନଡ଼ା ଓ ଶୁଖିଲା ପତ୍ର ଆଦିର ବିଛଣା ପ୍ରସ୍ତୁତ କରି ରଖନ୍ତୁ । ଏହା ଆରାମଦାୟକ ପ୍ରସବ ସାଙ୍ଗକୁ ଆବଶ୍ୟକ ଉଷ୍ମତା ପ୍ରଦାନ କରିଥାଏ ।
- ପ୍ରାଣୀମାନଙ୍କୁ ଯଥେଷ୍ଟ ପରିମାଣର ସୁଷମ ଖାଦ୍ୟ ଓ ସବୁଜ ଘାସ ଖାଇବାକୁ ଦିଅନ୍ତୁ । ଏହା ପ୍ରାଣୀମାନଙ୍କ ଶରୀରର ତାପମାତ୍ରାକୁ ଉତ୍ତମ ରୂପେ ପରିଚାଳନା କରିବା ସହିତ ଉତ୍ପାଦିକା ଶକ୍ତି ବୃଦ୍ଧି କରିଥାଏ ।
- ପ୍ରାଣୀମାନେ ଦୈନିକ ଆବଶ୍ୟକ କରୁଥିବା ଖାଦ୍ୟକୁ ଏକ ସମୟରେ ନ ଦେଇ ଭାଗ ଭାଗ କରି ଖାଇବାକୁ ଦିଅନ୍ତୁ । ଏଥି ସହ ଉପଯୁକ୍ତ ପରିମାଣ ଖଣିଜ ଲବଣ ଖାଦ୍ୟରେ ମିଶାଇବାକୁ ଭୁଲନ୍ତୁ ନାହିଁ ।
- ଶୀତଦିନ ହେଲେ ମଧ୍ୟ ପ୍ରାଣୀମାନଙ୍କୁ ଆବଶ୍ୟକ ମୁତାବକ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦିଅନ୍ତୁ ।
- ଶୀତଦିନେ ପ୍ରାଣୀମାନଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ପାଇବା ସହିତ ଅନେକ ରୋଗ ସୃଷ୍ଟିକାରୀ ଜୀବାଣୁ ଓ ଭୁତାଣୁ ର ବଂଶବୃଦ୍ଧି ସହଜ ହେଉଥିବାରୁ ପ୍ରାଣୀମାନେ ଶୀଘ୍ର ସଂକ୍ରମଣର ଶୀକାର ହୋଇ ରୋଗରେ ପୀଡ଼ିତ ହୁଅନ୍ତି । ତେଣୁ ଶୀତ ଋତୁ ଆରମ୍ଭରୁ ବିଭିନ୍ନ ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ପ୍ରାଣୀମାନଙ୍କ ଟିକାକରଣ କରାଇନିଅନ୍ତୁ ।
- ଶୀତଋତୁରେ ବିଶେଷକରି ଗାଇଗୋରୁମାନଙ୍କ ଠାରେ ଫାଟୁଆ ରୋଗର ପ୍ରାଦୁର୍ଭାବ ଅଧିକ ଦେଖାଯାଇଥାଏ । ତେଣୁ ଏଥିପାଇଁ ବିଶେଷ ଧ୍ୟାନ ଦେଇ ଆରମ୍ଭରୁ ଫାଟୁଆ ରୋଗର ଟିକାକରଣ କରାଇନେବା ଉଚିତ୍ ଏବଂ ପ୍ରତି ୬ ମାସରେ ଥରେ ଗୋରୁଙ୍କୁ ଫାଟୁଆ ଟିକା ପ୍ରଦାନ କରନ୍ତୁ ।
- ଏହି ଋତୁରେ ପ୍ରାଣୀମାନଙ୍କ ଶରୀରରେ ଅନ୍ତଃକୃମି ଓ ବାହ୍ୟକୃମିର ବଂଶବୃଦ୍ଧି ଘଟୁଥିବାରୁ ପ୍ରାଣୀମାନେ ଦୁର୍ବଳ ହୋଇ ଅନେକ କ୍ଷେତ୍ରରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ତେଣୁ ସ୍ଥାନୀୟ ପ୍ରାଣୀଚିକିତ୍ସା କେନ୍ଦ୍ରରେ ପ୍ରାଣୀଙ୍କ ମଳ ପରୀକ୍ଷା କରାଇ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ କୃମିନାଶକ ଔଷଧ ଦେବାର ବ୍ୟବସ୍ଥା କରନ୍ତୁ ।
- ଶୀତଦିନେ କୁକୁଡ଼ା ମାନଙ୍କୁ ଉଷୁମ ସ୍ଥାନରେ ରଖିବା ସହିତ, ସେମାନଙ୍କ ପାଇଁ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରନ୍ତୁ ।
- ପ୍ରାଣୀମାନଙ୍କ ଶରୀରରେ କୌଣସି ରୋଗର ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ଯୋଗାଯୋଗ କରନ୍ତୁ ।

**ମନେରଖନ୍ତୁ, ଶୀତଋତୁରେ ପ୍ରାଣୀସମ୍ପଦର ଉପଯୁକ୍ତ ପରିଚାଳନା ହିଁ ପଶୁପକ୍ଷୀଙ୍କୁ ମୃତ୍ୟୁମୁଖରୁ ବଂଚାଇବା ସହ ଆପଣଙ୍କ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆଣିପାରିବ ।**

**କମିଶନର ତଥା ନିର୍ଦ୍ଦେଶକ**
**ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା**
**ଓଡ଼ିଶା, କଟକ**

## କଳା ଓ ସାହିତ୍ୟ ଜଗତର ଅମ୍ଳାନ.....

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ଏହି ଆୱାର୍ଡ ଗୁଡ଼ିକ ମଧ୍ୟରେ ଓଡ଼ିଶା ସିନେମା ପ୍ରଯୋଜକ ଆସୋସିଏସନ୍ ଆୱାର୍ଡ, ଓଡିଶା ଫିଲ୍ମଫେୟାର ଆୱାର୍ଡ, ଚଳଚିତ୍ର ଜଗତ ଭିମ୍‌ସିଂ ଆୱାର୍ଡ, ମିଳନି ଆୱାର୍ଡ, ସଚିବାଳୟ ସାଂସ୍କୃତିକ ପରିଷଦ ସମ୍ମାନ, ସୋ ଟାଇମ୍ ଆୱାର୍ଡ ପୁରୀ ପ୍ରମୁଖ ଅନେକ ଆୱାର୍ଡ ପାଇଛନ୍ତି । ତାଙ୍କ ଜୀବନ ଚକ୍ରର ଅନ୍ତିମ ସମୟର କିଛି ଦିନ ପୂର୍ବରୁ ତାଙ୍କୁ ମିଳିଥିଲା ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ଆୱାର୍ଡ । ଏହା ଥିଲା ତାଙ୍କ ଜୀବନର ଅନ୍ତିମ ଆୱାର୍ଡ ।

ମଣିଷର ତ୍ୟାଗ ଓ ନିଷ୍ଠା ମଣିଷକୁ କାଳଜୟୀ କରେ ଏବଂ ପ୍ରତିଭାବାନ ବ୍ୟକ୍ତିର ପ୍ରତିଭା ଚଉଦିଗ ମହକେ । ତାଙ୍କର ଏହି ଭଳି ଏକ ଜୀବନ ଥିଲା ଯେମିତି ଅମୃତ ପାନ କରି ମଣିଷ ଅମୃତମୟ ହୋଇଗଲେ ତାର ଚିନ୍ତା ଓ ଚେତନାକୁ ଯେପରି ବିଷାକ୍ତ ଭାବ ଓ ଭାବନା କେବେ ବି ସ୍ପର୍ଶ କରି ପାରେନା । ଠିକ୍ ସେହିପରି ଥିଲା ତାଙ୍କର ଜୀବନ । ମମତାର ସେତୁରେ ସେ ସମସ୍ତଙ୍କୁ ଆପଣାର କରିପାରୁଥିଲେ । ଏହାହିଁ ଥିଲା ତାଙ୍କର ମାନବିକତାର ଧର୍ମ । ସେ ସମସ୍ତଙ୍କ ପାଇଁ ଥିଲେ ପ୍ରେରଣାର ଉତ୍ସ । ତାଙ୍କର ନିତି ଓ ଆଦର୍ଶ ଯୁବପିଢିକୁ ନିଶ୍ଚୟ ଅନୁପ୍ରାଣିତ କରିବ । ତାଙ୍କର ଅବର୍ତ୍ତମାନରେ ତାଙ୍କୁ ନମନ କରିବା ଆମ୍ଭମାନଙ୍କର ପରମ କର୍ତ୍ତବ୍ୟ ।

ବରିଷ୍ଠ ସାମ୍ବାଦିକ
ମୋ :୯୪୩୮୬୩୯୪୫୩

## ନମସ୍କାର ସ୍ୱେଚ୍ଛାସେବୀ ସଙ୍ଗଠନର ଶୁଭ ଉଦଘାଟନ ଉତ୍ସବ

ଭଦ୍ରକ,୨୫।୦୧ (ନି.ପ୍ର): ଭଦ୍ରକ ସଂସ୍କୃତି ଭବନ ପରିସରରେ ସାମାଜିକ ସଙ୍ଗଠନ ନମସ୍କାର ଭଦ୍ରକ ଶାଖାର ଶୁଭ ଉଦଘାଟନ ଉତ୍ସବ ପାଳିତ ହୋଇଯାଇଛି । ଏହାକୁ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲକ ବିହାରୀ ବେହେରା ପ୍ରଦିପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତ୍ୟାଗଭୂମି ସମ୍ମିଳନୀର ସଭାପତି ଅଜୟ ନାୟକ ଯୋଗଦେଇ କହିଲେ, ଜିଲ୍ଲାରେ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ମଧ୍ୟରେ ନମସ୍କାର ଭିନ୍ନ । ନମସ୍କାର ଅନୁଷ୍ଠାନର ନାମକରଣକୁ ଯଥାର୍ଥତା ପ୍ରତିପାଦନ କରିବା ନେଇ କାର୍ଯ୍ୟକ୍ରମ ଜାରୀ ରଖିବାକୁ ସେ ଆହ୍ୱାନ ଦେଇଥିଲେ । ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଦସ୍ୟମାନେ ସଠିକ ଉପାୟରେ କାର୍ଯ୍ୟକଲେ ବ୍ୟକ୍ତିର ଉନ୍ନତି ହେବା ସହିତ ସମାଜର ଉନ୍ନତି ହୋଇପାରିବ । ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଗାଳ୍ପିକ, ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ନମସ୍କାର ଅନୁଷ୍ଠାନର ଲକ୍ଷ୍ୟ ସଠିକ ଦିଗରେ କାର୍ଯ୍ୟକାରୀ ହେଲେ ଏହା ଏ ଅଞ୍ଚଳର ଗୌରବ ବୃଦ୍ଧି କରିବାରେ ସହାୟକ ହେବ । ସଙ୍ଗଠନର ସଭାପତି ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ସଭା ପରିଚାଳନାରେ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ପରମାନନ୍ଦ ଦାସ, ନାଟ୍ୟ ନିର୍ଦ୍ଦେଶକ ଲଳାଟେନ୍ଦୁ ମହାନ୍ତି, ଓଲଙ୍ଗ ସରପଞ୍ଚ ଦେବୀଦତ୍ତା ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ପୂର୍ବତନ ସରପଞ୍ଚ ଅର୍ଜୁନ ଚରଣ ମହାନ୍ତିଙ୍କ ସମେତ ବ୍ଲକ ସଂଯୋଜକ ଭାସ୍କର ଚନ୍ଦ୍ର ପାଢୀ, ଅକ୍ଷୟ କୁମାର ମହାନ୍ତି, ଶୁଭେନ୍ଦୁ ଲେଙ୍କା, ପ୍ରଦିପ କୁମାର ମହାନ୍ତି ପ୍ରମୁଖଙ୍କୁ ଉତ୍ତରୀୟ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ନୃତ୍ୟ ଓ ସଙ୍ଗୀତ ଶିଳ୍ପୀ କ୍ଷୀରାବ୍ଧି ତନୟା ପଣ୍ଡା, ବନ୍ଦନା ଜେନା, ସାଇକ୍ରିଷ୍ଟା ପଣ୍ଡା, ନିର୍ମିତ ନାୟକ, କ୍ରୀଷ୍ଟା ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା । ସାମ୍ବାଦିକ ହେମନ୍ତ ସିଂହଙ୍କ ମଞ୍ଚ ସଞ୍ଚାଳନରେ ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା ଆଭିମୁଖ୍ୟ, ନାଟ୍ୟ ନିର୍ଦ୍ଦେଶକ ଅଶୋକ ମହାନ୍ତି ମାନପତ୍ର ପାଠ ଓ ସାମ୍ବାଦିକ ନରେନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ନମସ୍କାର ପରିବାରର ଧନୁର୍ଜୟ ସେଠୀ, ଅଜୟ ମହାପାତ୍ର, ସରୋଜ ସିଂହ, ଅମୀୟ ମହାପାତ୍ର, ଶଶୀକାନ୍ତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଓଡିଶାରୁ ୨ ଜଣ ପାଇବେ....

ଏଏସପି ରବୀନ୍ଦ୍ର ଦାସ, ଏଏସପି ଭବାନୀ ଶଙ୍କର ମିଶ୍ର, ଡେପୁଟି କମାଣ୍ଡାଂଟ ଅଶୋକ ଦେହୁରୀ, ଏସିପି ପ୍ରକାଶ ପାଲ, ଏଏସଆଇ ମନୋରଂଜନ ଶତପଥୀ, ହାବିଲଦାର ସରୋଜ ଭୋଇ, ହାବିଲଦାର ସେକ୍ ନାଶିରୁଦ୍ଦିନ, କନଷ୍ଟେବଲ ଗୌତମ ପାତ୍ର , ସୁବେଦାର ହେମନ୍ତ ଛେତ୍ରୀ ଓ ଡେପୁଟି କମାଣ୍ଡାଂଟ ବୁଦ୍ଧା ଡମାଙ୍ଗ ପୋଲିସ ପଦକ ପାଇବେ ।

### ଘନ କୁହୁଡି ପାଇଁ .....

କେନ୍ଦୁଝର, ମୟୁରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମୟୁରଭଞ୍ଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର କୁହୁଡି ହୋଇପାରେ । ଅପରପକ୍ଷରେ ଜାନୁଆରୀ ୨୬ରୁ ୨୭ ମଧ୍ୟରେ କନ୍ଧମାଳ, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, କଟକ, ଅନୁଗୁଳ, ଢ଼େଙ୍କାନାଳ ଓ ଜଗତସିଂହପୁର ଜିଲ୍ଲାକୁ ଘନ କୁହୁଡି ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହିତ ଉତର ଉପକୂଳ ଓଡ଼ିଶା ସମେତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ,ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର କୁହୁଡି ଦେଖିବାକୁ ମିଳିବ ।

### ଦେବରାଜ ହତ୍ୟା ମାମଲାର ....

ମଧ୍ୟରେ ଗତ ୨ରୁ ୩ ବର୍ଷ ଧରି ତୀକ୍ତତା ଲାଗି ରହିଥିଲା । ଏପରିକି ଗତ ସେପଟ୍ମ୍ବେରରେ ଦେବରାଜଙ୍କ ଗୋଷ୍ଠୀ, ଅଜୟଙ୍କ ଗୋଷ୍ଠୀ ଉପରେ ଆକ୍ରମଣ କରିଥିଲେ । ଯେଉଁଥିପାଇଁ ଅଜୟ କିଛି ଦିନ ଧରି ଘରୁ ଫେରାର ହୋଇଯାଇ ଥିଲେ । ଆଉ ପ୍ରତିଶୋଧ ନେବା ପାଇଁ ରଚୁଥିଲେ ଚକ୍ରବ୍ୟୂହ । ହତ୍ୟାକାଣ୍ଡ କରିବା ପାଇଁ ମାଗାଜିନ୍ ? ଓ ଗୁଳି କିଣିଥିଲେ । ଗତ ୨୦ ତାରିଖ ସକାଳେ ଦେବରାଜ ସୁମଣ୍ଡଳ ଛକରେ ଛିଡ଼ା ହୋଇ ଚା' ପିଉଥିଲେ । ଏହି ସମୟରେ ୩ ଦୁର୍ବୃତ୍ତ କାରରେ ଆସି ଅତର୍କିତ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ । ଘଟଣାସ୍ଥଳରେ ହିଁ ଦେବରାଜଙ୍କ ମୃତ୍ୟୁ ହୋଇଥିଲା । ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଆଜି ମାଷ୍ଟର ମାଇଣ୍ଡ ଅଜୟ ବାରିକଙ୍କ ସମେତ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୬୩ଟି ଗୁଳି, ୩ ମାଉଜର, ୫ ମାଗାଜିନ ଜବତ ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବଳରାମ ପରିଡ଼ା, ପବନ ପାହାଣ, ପ୍ରଶାନ୍ତ ସ୍ୱାଇଁ ଓ ଗଗନ ବିଶ୍ୱାଳ । ତେବେ ଏହି ହତ୍ୟାକାଣ୍ଡରେ ବ୍ୟବହୃତ ମାଗାଜିନ ଓ ଗୁଳି କେଉଁଠୁ ଆଣିଲେ, ତାହା ଉପରେ ତଦନ୍ତ ଚାଲିଛି ବୋଲି ଦକ୍ଷିଣାଞ୍ଚଳ ପୁଲିସ ଡିଆଇଜି ସତ୍ୟବ୍ରତ ଭୋଇ କହିଛନ୍ତି ।

### କରୋନା କାଳରେ ....

ରାଧା କ୍ରିଷ୍ଣନ୍ ,କୁମାର ମଙ୍ଗଳମ୍ ବିର୍ଲା ଓ ଲକ୍ଷ୍ମୀ ମିତଲଙ୍କ ସମ୍ପତି ୩୫ ପ୍ରତିଶତ ବଢିଗଲା । ଅନ୍ୟପଟେ ଏହି ସମୟରେ ଦେଶରେ ୮୪ ପ୍ରତିଶତ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଗଲା । ଏପ୍ରିଲ ମାସରେ ଏପଟେ ଧନୀଙ୍କ ସମ୍ପତି ବଢୁଥିଲା ସେପଟେ ପ୍ରତିଘଂଟାରେ ଏକଲକ୍ଷ ୭ ହଜାର ଲୋକ ଚାକିରୀ ହରାଉଥିଲେ । ଅକ୍ସଫାମ୍ ତାର ରିପୋର୍ଟରେ କହିଛି ମୁକେଶ ଅଂବାନୀ କରୋନା ସମୟରେ ଏକ ଘଂଟାରେ ଯେତିକି ରୋଜଗାର କରୁଥିଲେ , ଜଣେ ଅଣକୁଶଳୀ ଶ୍ରମିକଙ୍କୁ ସେତିକି ରୋଜଗାର କରିବାକୁ ୧୦ ହଜାର ବର୍ଷ ଲାଗିଯିବ । ଅଂବାନୀ ଏକ ସେକେଣ୍ଡରେ ଯେତିକି ରୋଜଗାର କରୁଥିଲେ ଜଣେ ଅଣକୁଶଳୀ ଶ୍ରମିକଙ୍କୁ ସେତିକି ରୋଜଗାର ପାଇଁ ୩ ବର୍ଷ ଲାଗିବ । ଏହି ରିପୋର୍ଟରେ କୁହାଯାଇଛି ଦେଶର ଏହି ୧୧ ଜଣ ଅରବପତି କରୋନା କାଳରେ ଯେତିକି ରୋଜଗାର କରିଛନ୍ତି , ତାହାର ଯଦି ଏକ ପ୍ରତିଶତ ଟିକସରେ ନିଆଯାଏ, ତେବେ କେନ୍ଦ୍ର ସରକାରଙ୍କ ଜନଔଷଧୀ ଯୋଜନାରେ ଆବଂଟନ କରୁଥିବା ଅର୍ଥ ୧୪୦ ଗୁଣା ବଢିଯିବ । ଅନ୍ୟପଟେ ସାରାବିଶ୍ୱରେ ଅରବପତିଙ୍କର ସମ୍ପତି ୨୮୪ ଲକ୍ଷ କୋଟି ଟଙ୍କା ବଢିଗଲା । ଏପଟେ ସେହି ସମୟରେ ପ୍ରାୟ ୫୦ କୋଟି ଲୋକ ଗରିବ ହୋଇଗଲେ । କରୋନା ସମୟରେ ବିଶ୍ୱର ସବୁଠାରୁ ଧନୀ ୧୦ଜଣ ଅରବପତି ରୋଜଗାର କରିଥିବା ଧନ ଏତେବେଶୀ ଯେ ଏହା ଯଦି ଗରିବଙ୍କୁ ବାଂଟି ଦିଆଯାଏ ତେବେ କେହି ବି ଆଉ ଗରିବ ରହିବେ ନାହିଁ । ଅକ୍ସଫାମ୍ ତାହାର ରିପୋର୍ଟରେ ଭାରତ ସରକାରଙ୍କୁ ପରାମର୍ଶ ଦେଇ କହିଛି ୫୦ ଲକ୍ଷରୁ ଅଧିକ ଲାଭ କରୁଥିବା କମ୍ପାନୀ ଗୁଡିକ ଉପରେ ୨ ପ୍ରତିଶତ ଅସ୍ଥାୟୀ ସରଚାର୍ଜ ଲଗାଇବା ଉଚିତ ଏବଂ ବର୍ତମାନ ଭାରତ ସରକାରଙ୍କ ଏହା ଦାୟିତ୍ୱ ବନିଯାଇଛି ଯେ ଗରିବଙ୍କ ଭବିଷ୍ୟତଙ୍କୁ ଆଖି ଆଗରେ ରଖି ଦୃଢ ପଦକ୍ଷେପ ନିଅନ୍ତୁ ।

### ଧାନ ନଉଠାଇବା ପ୍ରସଙ୍ଗରେ....

ଏବେ ମଣ୍ଡିରେ ପଡିଥିବା ଚାଷୀର ଧାନ କଂଟିଜେନ୍ସିଂ ଫଣ୍ଡରୁ ଅର୍ଥ ଆଣି ତୁରନ୍ତ କିଣିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?ପ୍ରଧାନମନ୍ତ୍ରୀ କିଷାନ ନିଧିରେ ପ୍ରଥମ କିସ୍ତିରେ ରାଜ୍ୟର ୩୮ ଲକ୍ଷ ଚାଷୀ ଲାଭବାନ ହୋଇଥିଲେ ଏହି ସଂଖ୍ୟା ୭ମ କିସ୍ତିକୁ ୯ ଲକ୍ଷକୁ ଖସି ଆସିଛି । ଓଡିଆ ଚାଷୀଙ୍କୁ ଟଙ୍କା ଦେବା ପାଇଁ ମୋଦି ବ୍ୟବସ୍ଥା କରିଛନ୍ତି । ମାତ୍ର ରାଜ୍ୟ ସରକାରଙ୍କର ଚାଷୀ ସଂଖ୍ୟା ଏବେ ଚତୁର୍ଥାଂଶରୁ କମ୍ କାହିଁକି ହୋଇଛି ? ଓଡିଆ ଚାଷୀଙ୍କୁ ମୋଦି ଟଙ୍କା ଦେଲେ ରାଜ୍ୟ ସରକାରଙ୍କୁ କାହିଁକି କଷ୍ଟ ଲାଗୁଛି ? ରାଜ୍ୟର ପ୍ରତି ବ୍ଲକକୁ ସର୍ବନିମ୍ନ ୩୫ ପ୍ରତିଶତ ଜଳସେଚନ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଥିଲା । ସରକାର ଏଥିରେ ବିଫଳ କାହିଁକି ହୋଇଛନ୍ତି ? ଏବଂ ଆଳୁ ପିଆଜ ମିଶନ ଏବଂ ରାଜ୍ୟରେ ପରିବା ଚାଷ ବିଫଳ ହେବା ପଛରେ ଶୀତଳ ଭଣ୍ଡାରରେ ବଡ ସମସ୍ୟା ରହିଛି । ୨ ହଜାର ମସିହାରେ ରାଜ୍ୟରେ ଯେତିକି ଶୀତଳ ଭଣ୍ଡାର ଥିଲା ଏବେ ବି ରାଜ୍ୟରେ ସେତିକି ଶୀତଳ ଭଣ୍ଡାରର ସଂଖ୍ୟାରେ ସୀମିତ କାହିଁକି ? ପ୍ରତି ବ୍ଲକରେ ସୀତଳ ଭଣ୍ଡାରର ପ୍ରତିଶ୍ରୁତି କାହିଁକି ପାଣିର ଗାର ହୋଇଛି ? ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ଉତର ସତ୍ୟ ଓ ତଥ୍ୟ ଆଧାରରେ ସରକାର ରାଜ୍ୟବାସୀଙ୍କ ଆଗରେ ରଖିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେବା ସହ ଦୀର୍ଘ ୫ ପାଳିର ସରକାର କେତେ ଚାଷୀ ସ୍ୱାର୍ଥ ବିରୋଧୀ ତାହା ସରକାରଙ୍କ ଉତରରୁ ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଲୋକସେବା ଭବନରେ ଜାତୀୟ ମତଦାତା ଦିବସ ନିମନ୍ତେ ଶପଥ ଗ୍ରହଣ

ଭୁବନେଶ୍ୱର,୨୫।୦୧ (ନି.ପ୍ର): ଆଜି ଜାତୀୟ ମତଦାତା ଦିବସ ଉପଲକ୍ଷେ ଲୋକସେବା ଭବନର ବିଭିନ୍ନ ବିଭାଗରେ ସଙ୍କଳ୍ପ ଗ୍ରହଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶାସନ ସଚିବ, ସ୍ୱତନ୍ତ୍ର ଶାସନ ସଚିବ ଓ ଅତିରିକ୍ତ ଶାସନ ସଚିବଙ୍କ ସମେତ ବିଭିନ୍ନ ବର୍ଗର ଅଧିକାରୀ ଓ କର୍ମଚାରୀମାନେ କୋଭିଡ୍ ନିୟମ ପାଳନ ପୂର୍ବକ ସମ୍ପୃକ୍ତ ବିଭାଗରରେ ସମବେତ ହୋଇ ସଂକଳ୍ପ ନେଇଥିଲେ ।

## କବି ଅଭିରାମ ଦାସଙ୍କ "କେବେ ନା କେବେ" କବିତା ସଂକଳନ ଲୋକାର୍ପିତ



ଭୁବନେଶ୍ୱର,୨୫।୦୧ (ନି.ପ୍ର): ରବିବାର ଦିନ ଐତିହ୍ୟ ପ୍ରାଙ୍ଗଣ ଧଉଳି ଶାନ୍ତିସ୍ତୁପଠାରେ କବି ଅଭିରାମ ଦାସଙ୍କ ଷଷ୍ଠ କବିତା ବହି 'କେବେ ନା କେବେ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଂକଳନଟି ଲିପିକା ପ୍ରକାଶନୀ ସଂସ୍ଥାଦ୍ୱାରା ପ୍ରକାଶିତ । ସର୍ବମୋଟ ୪୭ ଗୋଟି କବିତା ରହିଛି । କବିତା ଗୁଡ଼ିକ କବି ମନର ଉଚ୍ଛୁଳା ଅନୁଭବ । ଲୋକାର୍ପଣ ଉତ୍ସବରେ କବି ପ୍ରସନ୍ନ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେଇ କବିତା ସଂକଳନଟିର କାବ୍ୟିକ ବ୍ୟାଖ୍ୟା ସହିତ ନିର୍ଭୁଲ ମୁଦ୍ରଣ ତଥା ପ୍ରଚ୍ଛଦ ପରିପାଟୀ ଆକର୍ଷଣୀୟ ହୋଇଥିବାର ପ୍ରଶଂସା କରିଥିଲେ । କବି ଡକ୍ଟର ଅଭିରାମ ଦାସ ନିଜ ବକ୍ତବ୍ୟରେ କହିଥିଲେ ଯେ କବିତା ହେଉଛି ଭାବ ଓ ରସର କଥା । ରସିକପଣିଆ ନଥିଲେ ଜଣେ କବି ହୋଇପାରିବ ନାହିଁ । ବରଂ ଜୀବନ ଯେତିକି ସୁଥାଏ କବିତା ସେତିକି ଦେଖାଏ, ତା'ଠୁ ଅଧିକ ନୁହେଁ । କବି ଯଦି ନଲେଖିବ ତା' ହେଲେ ସେଇ ସମୟର ପ୍ରାଣ ସନ୍ଦନ ପରବର୍ତ୍ତୀ ସମୟ ପାଇଁ ଅଜଣା ହୋଇ ରହିଯିବ ବୋଲି କବି ଅଭିରାମ କୁହନ୍ତି । ସଭାପତିତ୍ୱ କରିଥିଲେ ଗାଳ୍ପିକ ଅଜୟ ସ୍ୱାଇଁ । ଶ୍ରୀ ସ୍ୱାଇଁ କହିଲେ ଯେ, ସାଧାରଣ ମଣିଷ ଓ ତା' ଚାରିକଡ଼ର ପରିବେଶ ହିଁ କବି ଅଭିରାମ ଦାସଙ୍କ କବିତାର ଆଧାର । କବି ତଥା ପ୍ରକାଶକ ଭିକାରୀ ଧଳ କବି ଅଭିରାମ ଦାସଙ୍କର ଏହା ଷଷ୍ଠ କବିତା ବହି ନୁହେଁ ବରଂ ଏହା ଶ୍ରେଷ୍ଠ କବିତା ବୋଲି ଉଚ୍ଚାରଣ ପୂର୍ବକ ଅନ୍ୟାନ୍ୟ ବହି ଭଳି ଏ ବହିଟି ମଧ୍ୟ ଅଭିରାମଙ୍କର ପାଠକାଦୃତି ଲାଭ କରିବାର ଆଶା ଓ ସମ୍ଭାବନା ପ୍ରକାଶ କରିଥିଲେ ।

## ସଦର ବ୍ଲକରେ ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ

### ଜିଲାପାଳଙ୍କଠାରେ ନଗ୍ରମବାସୀଙ୍କ ଫେରାଦ



ବାଲେଶ୍ୱର,୨୫।୦୧ (ନି.ପ୍ର): ଆବାସ ହିତାଧିକାରୀ ଚୟନରେ ସଦର ବ୍ଲକରେ ଚାଲିଥିବା ତଞ୍ଚକତାକୁ ନେଇ ସୋମବାର ଦିନ ଆପତ୍ତି ଉଠାଇଛନ୍ତି ନଗ୍ରମ ପଞ୍ଚାୟତର ସରପଞ୍ଚଙ୍କ ସମେତ ଗ୍ରାମବାସୀମାନେ । ଆବାସ ପାଇଁ ଦୀର୍ଘଦିନ ଧରି ଆବେଦନ କରିଆସୁଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରି ବ୍ଲକ କର୍ତ୍ତୃପକ୍ଷ ସେମାନଙ୍କୁ ଚୟନ ତାଲିକାରୁ କାଟି ଦେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏମିତିକି ପ୍ରକୃତ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ଶାସକ ଦଳର ନେତା ଓ କର୍ମୀଙ୍କ ଚାପରେ ବ୍ଲକର ବିଭାଗୀୟ ଅଧିକାରୀ ସେମାନଙ୍କୁ ଆବାସ କାର୍ଯ୍ୟଦେଶ ଦେଉନାହାନ୍ତି । ଆବେଦନ କରିବା ପରେ ବ୍ଲକରୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯାଞ୍ଚ ପାଇଁ ଗ୍ରାମାବସୀଙ୍କ ଘରକୁ ଆସନ୍ତି ଏବଂ କ୍ଷେତ୍ର ତଦନ୍ତ ସହ ଆବାସ ପାଇବାକୁ ଯୋଗ୍ୟ ବୋଲି କୁହନ୍ତି । ମାତ୍ର ପରବର୍ତ୍ତୀ ସମୟରେ ନଗ୍ରମ ପଞ୍ଚାୟତର ଏହି ଯୋଗ୍ୟ ହିତାଧିକାରୀଙ୍କ ଆବେଦନପତ୍ର ବ୍ଲକରୁ ଉଭାନ ହୋଇ ଯାଇଥାଏ ବୋଲି ସରପଞ୍ଚ ସର୍ବେଶ୍ୱର ମହାନ୍ତି ପ୍ରକାଶ କରିଛନ୍ତି । ଯେହେତୁ ଏହି ପଞ୍ଚାୟତର ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ହରାଇ ଲୋକେ ତାଙ୍କୁ ଅର୍ଥାତ ବିଜେପି ସମର୍ଥିତ ପ୍ରାର୍ଥୀ ଭାବେ ଅଧିକ ଭୋଟରେ ଜିତାଇଛନ୍ତି, ଅତଏବେ ଶାସକଦଳର ନେତା ଓ କର୍ମୀଙ୍କ ଚାପରେ ବ୍ଲକ କର୍ତ୍ତୃପକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଏଭଳି ନିର୍ଯାତନା ଦେଇ ଚାଲିଛନ୍ତି ବୋଲି ସେ କହିଛନ୍ତି । ଏନେଇ ବିଡିଓଙ୍କୁ ପଚାରିଲେ ସେ ସନ୍ତୋଷଜନକ ଉତ୍ତର ଦେବା ପରିବର୍ତ୍ତେ ନିଜର ଅସହାୟତା ପ୍ରକାଶ କରୁଛନ୍ତି ବୋଲି ସରପଞ୍ଚ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ଏନେଇ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରା ନଗଲେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମାବସୀମାନେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ନଗ୍ରମ ସରପଞ୍ଚ ଶ୍ରୀ ମହାନ୍ତି, ସମିତି ସଭ୍ୟା ବିନୀତା ସିଂ, ପୂର୍ବତନ ସରପଞ୍ଚ ସଙ୍ଗୀତା ସିଂ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୭୪ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୫।୦୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୭୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୧୧୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୬୩୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ଭୁବେନଶ୍ୱର ଜନତା ମଇଦାନରେ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ବୁଲିଲେ କେନ୍ଦ୍ରମନ୍ତ୍ରୀ

ଭୁବେନଶ୍ୱର,୨୫।୦୧ (ନି.ପ୍ର): ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ପ୍ରଥମେ ଆତ୍ମନିର୍ଭର ଓଡ଼ିଶା ଗଠନ କରିବାକୁ ହେବ । ତେଣୁ ଓଡ଼ିଶାର କଳା ଓ ସଂସ୍କୃତି ସହ ଯୋଡ଼ି ହୋଇ ରହିଥିବା ହସ୍ତଶିଳ୍ପ, ବୟନଶିଳ୍ପ ତଥା ଆମର ଶିଳ୍ପୀ, ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବଲପୁର ଶାଢ଼ୀ, କୋଟପାଡ଼ ବସ୍ତ୍ର ଏବଂ ରଘୁରାଜପୁରର ପଟ୍ଟଚିତ୍ର ମାସ୍କ ଏବଂ ଅନ୍ୟାନ୍ୟ ସାମଗ୍ରୀର ଚାହିଦା ସମଗ୍ର ଭାରତବର୍ଷ ଓ ବିଶ୍ୱରେ ବଢ଼ାଇବା ପାଇଁ ଆମକୁ ପ୍ରଧାନମନ୍ତ୍ରୀ ନରନ୍ଦ୍ରେ ମୋଦିଙ୍କ ଭୋକାଲ ଫର୍ ଲୋକାଲ୍ ମାର୍ଗରେ ଚାଲିବାକୁ ହେବ ବୋଲି ଭୁବନେଶ୍ୱର ଜନତା ମଇଦାନରେ ତୋଷାଳି ମେଳା ବୁଲିବା ପେର କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ପଂଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କାରିଗର, ବୁଣାକାର ଓ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଅତ୍ୟନ୍ତ ଚମତ୍କାର । କରୋନା ମହାମାରୀର ମୁକାବିଲା କରି ସ୍ୱଭାବିକ ସ୍ଥିତିକୁ ଆସିଥିଲେ ମଧ୍ୟ ଏବେବି ଟିକା ନେବା ପର୍ଯ୍ୟନ୍ତ କୋଭିଡ୍ ନିୟମକୁ ଶୃଙ୍ଖଳାର ସହ ମାନିବାକୁ ହେବ । ମାସ୍କ ପିନ୍ଧିବା, ନିୟମିତ ବ୍ୟବଧାନରେ ସାବୁନରେ ହାତ ଧୋଇବା ଏବଂ ସର୍ବସାଧାରଣରେ ଦୁଇ ମିଟର ଦୂରତା ଅବଲମ୍ବନ କରିବା ପାଇଁ ଜନସାଧାରଣଙ୍କୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।

## କେନ୍ଦୁଝର ଡିଆରସିଏସ୍ ଓ ଏଆରସିଏସ୍ ନିଲମ୍ବିତ

ଭୁବନେଶ୍ୱର,୨୫।୦୧ (ନି.ପ୍ର): ଖରିଫ ବିପଣନ ଋତୁ ୨୦୧୯-୨୦ରେ କେନ୍ଦୁଝର ଜିଲ୍ଲାର ସାହାରପଡ଼ା ଲ୍ୟାମ୍ପସ୍ ରେ ଧାନକିଣାରେ ଅନିୟମିତତା ଅଭିଯୋଗରେ କେନ୍ଦୁଝରର ଡିଆରସିଏସ୍ ପ୍ରମୋଦ କୁମାର ବରିହା ଏବଂ ଏଆରସିଏସ୍ ପର୍ଶୁରାମ ପାତ୍ରଙ୍କୁ ନିଲମ୍ବନ କରାଯାଇଛି । ଗତ ଖରିଫ ବିପଣନ ଋତୁରେ ସାହାରପଡ଼ା ଲ୍ୟାମ୍ପସରେ ଧାନକିଣାରେ ଅନିୟମିତତା ଅଭିଯୋଗର ତଦନ୍ତ ରିପୋର୍ଟ କେନ୍ଦୁଝର ଜିଲ୍ଲାପାଳଙ୍କଠାରୁ ହସ୍ତଗତ ହେବା ପରେ ଡେପୁଟି ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟି ଓ ଆସିଷ୍ଟାଂଟ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟିଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି । ସମବାୟ ବିଭାଗ ପକ୍ଷରୁ ଆଜି ଏ ସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ନିଲମ୍ବନ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି ।

## କଂଗ୍ରେସ ଭବନରେ ତ୍ରିଦଳୀୟ ବୈଠକ




ନୀଳଗିରି,୨୫।୦୧ (ନି.ପ୍ର): ଆସନ୍ତା ଜାନୁଆରୀ ୨୮ତାରିଖରେ କୃଷକ ଜନ ସମାବେଶ ର ଡାକରାକୁ ସଫଳ ରୂପାୟନ କରିବା ପାଇଁ ନୀଳଗିରି କଂଗ୍ରେସ ଭବନରେ ସି.ପି.ଆଇ., ସି.ପି.ଆଇ.ଏମ. ଓ ଜାତୀୟ କଂଗ୍ରେସ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସି.ପି.ଆଇ.ଏମ. ର ଜିଲ୍ଲା ସଂପାଦକ ମଣ୍ଡଳ ସଭ୍ୟ ବିଜୟ କୁମାର ପାତ୍ର, ସି.ପି.ଆଇ. ର ଜିଲ୍ଲା ସଂପାଦକ ନିରଂଜନ ବାରିକ, ଅଖିଳ ଭାରତ କୃଷକ ଜିଲ୍ଲା ସଭାପତି କୈଳାସ ପଣ୍ଡା, ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ସଂପାଦକ ଯଶୋଦା ନନ୍ଦନ ସିଂହ, ସି.ପି.ଆଇ. (ଏମ) ଜିଲ୍ଲା କମିଟି ସଭ୍ୟ ଯୋଗାନନ୍ଦ ଦାଶ, ବରିଷ୍ଠ କଂଗ୍ରେସ ସଦସ୍ୟ ଭରତ ଚନ୍ଦ୍ର ସାହୁ, କଂଗ୍ରେସ ନେତା ପ୍ରଭଜଂନ ନାୟକ, ମଳୟ ବେହେରା, କଂଗ୍ରେସ କୃଷକ ସେଲ ଜିଲ୍ଲାସଂପାଦକ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କର କଳା କୃଷି ଆଇନ ବାତିଲ, ୨୦୨୦ ନୂତନ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର, ନୂତନ ଶ୍ରମ ଆଇନ ପ୍ରତ୍ୟାହାର, ଅଭାବି ଧାନ ବିକ୍ରି,ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି କମାଇବା ଦାବୀ ନେଇ ଏକ ଆଲୋଚନା କରିଥିଲେ । ଆସନ୍ତା ୨୮ତାରିଖ ଦିନ କୃଷକ ଜନସମାବେଶରେ ଏହି ତିନି ଦଳର କର୍ମୀମାନେ ସମର୍ଥନ ଜଣାଇବେ ବୋଲି ପ୍ରକାଶ କରିଛନ୍ତି ।

## କୋଭିଡ ଗାଇଡଲାଇନ ଉଲ୍ଲଂଘନ ମାମଲାରେ ୨୧ ଗିରଫ

ଭୁବନେଶ୍ୱର,୨୫।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୫୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୧୩,୨୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ୫ଯୋଡା ଆର୍ଥିକ ଅନଗ୍ରସର ବରକନ୍ୟାଙ୍କ ବିବାହ ମାଗଣାରେ ସମ୍ପନ୍ନ



ବାରିପଦା,୨୫।୦୧ (ନି.ପ୍ର): ଆଜି ତ୍ରିବେଣି ଯୁବ ଜନକଲ୍ୟାଣ ପରିଷଦ ପକ୍ଷରୁ ବାରିପଦା ସତ୍ୟନାରାୟଣ ମନ୍ଦିର ଠାରେ ଗଣ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗଣବିବାହ କାର୍ଯ୍ୟକ୍ରମରେ ଗରିବ ତଥା ଅସହାୟ ଜନସାଧାରଣଙ୍କର ସହାୟତା ନିମନ୍ତେ ୫ ଯୋଡ଼ା ସାମାଜିକ ଓ ଆର୍ଥିକ ଅନଗ୍ରସର ବର ଓ କନ୍ୟାଙ୍କର ବିବାହ ସଙ୍ଗଠନ ତରଫରୁ ବିନା ମୂଲ୍ୟରେ ସମ୍ପର୍ଣ୍ଣ କରାଯାଇଥିଲା । ବିବାହ କାର୍ଯ୍ୟକ୍ରମଟି ସୁଦୃଶ୍ୟ ସାଜସଜ୍ଜା ମଧ୍ୟରେ କରାଯାଇଥିବା ବେଳେ ଉଭୟ ବର ଓ କନ୍ୟା ପକ୍ଷ ମାନେ ପ୍ରଥମେ ବାରିପଦା ମା ଅମ୍ବିକାଙ୍କ ମନ୍ଦିର ଠାରୁ କଳସ ଶୋଭାଯାତ୍ରାରେ ଯାଇ ବାରିପଦା ସତ୍ୟନାରାୟଣ ମନ୍ଦିର ନିକଟରେ ପହଂଚିଥିଲେ । ଏଠାରେ ସମସ୍ତ ବରକନ୍ୟମାନଙ୍କ ପାଇଁ ଅଲଗା ଅଲଗା ବେଦି ପ୍ରସ୍ତୁତ କରାଯାଇଥିଲା । ବରକନ୍ୟଙ୍କର ନୂତନ ପୋଷାକ ଓ ବିବାହ ସାମଗ୍ରୀ ସହିତ ଅନୁଷ୍ଠାନ ତରଫରୁ କନ୍ୟମାନଙ୍କର ସାଜସଜ୍ଜା, ପଲଙ୍କ, ଆଲମିରା, ବିଛଣା ସେଟ୍, ବାକ୍ସ, ସୁନା ନାକଫୁଲ, ଘରକରଣା ସାମଗ୍ରୀ, ବର କନ୍ୟାଙ୍କ ପାଇଁ ହାତଘଂଟା ମଧ୍ୟ ବିନା ମୂଲ୍ୟରେ ଯୋଗାଇ ଦିଆଯାଇଥିଲା । ଅନୁଷ୍ଠାନ ତରଫରୁ ମାରୁୱାଡି ମହିଳା ସଙ୍ଗଠନ ତରଫରୁ ସୁସ୍ୱାଦୁ ପ୍ରସାଦ ମଧ୍ୟ ପରିବେଷଣ କରାଯାଇଥିଲା । ସମସ୍ତ ୫ ଯୋଡ଼ା ବରକନ୍ୟା ହିନ୍ଦୁଧର୍ମର ହୋଇଥିବାରୁ ହିନ୍ଦୁବିଧି ମତେ ପୁରୋହିତଙ୍କ ମାଧ୍ୟମରେ ବିବାହ କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏହି ବିବାହ ସମ୍ପାଦନ କରିବା ପାଇଁ ଜୟନ୍ତ ଦିଗାର ଓ କମଳ କିଶୋର ବନାନୀଙ୍କ ମାତା ବରକନ୍ୟାମାନଙ୍କୁ ମନ୍ଦିର ଭିତରେ ବସ୍ତ୍ର ପ୍ରଦାନ କରିଥିଲେ । ବିବାହ ଅନୁଷ୍ଠିତ ହେବାପୂର୍ବରୁ ମନ୍ଦିରରେ ବିଶିଷ୍ଟ ଅତିଥି ମାନଙ୍କ ସହ ବରକନ୍ୟାଙ୍କ ଉପସ୍ଥିତିରେ ଜନସାଧାରଣଙ୍କୁ ନେଇ ଏକ ଆଶୀର୍ବାଦ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାମଣ୍ଡପରେ ବାରିପଦା ଯୁବ ଜନକଲ୍ୟାଣ ସଙ୍ଗଠନର ସଭାପତି ଶ୍ରୀ ସନ୍ତୋଷ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ସମ୍ମାନୀୟ ଅତିଥିମାନେ ବରକନ୍ୟାଙ୍କୁ ଆଶୀର୍ବାଦ କରିବା ସହିତ ଏହି ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ମତଦାତା ଦିବସ

ବାଲେଶ୍ୱର,୨୫।୧(): ଜିଲ୍ଲା ପ୍ରଶାସନ ପକ୍ଷରୁ ଏକାଦଶତମ ଜାତୀୟ ମତଦାତା ଦିବସ ସୋମବାର ଦିନ ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଜାତୀୟ ଭୋଟର ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଗଣତନ୍ତ୍ରର ମୁଖ୍ୟ ଉପାଦାନ ଭାବେ ନାଗରିକର ମତଦାନ ଅଧିକାର ସାବ୍ୟସ୍ତ ସହ ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ଏହି ଦିବସ ପାଳିତ ହୋଇଆସୁଛି। ବିଶେଷ କରି ନୂତନ ଭୋଟର ଭାବେ ପରିଚୟ ପାଇଥିବା ଯୁବକ ଯୁବତୀଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନତ କରାଇବା ଉଦ୍ଦେଶ୍ୟ ହିଁ ଏହି ଦିବସର ମୂଳଲକ୍ଷ୍ୟ ବୋଲି ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ମତଦାନ ଅଧିକାରର ବ୍ୟବହାର ପୂର୍ବକ ଭୋଟହାର ବୃଦ୍ଧି ସହ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ଜାତୀୟ ଭୋଟର ଦିବସ ପାଳନ ଅବସରରେ ଭାରତର ନିର୍ବାଚନ କମିଶନ ପକ୍ଷରୁ ନୂତନ ଭାବେ ଇ-ପରିଚୟ ପତ୍ର ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଚଳିତ ଭୋଟର୍ସ ହେଲ୍ପଲାଇନ ମୋବାଇଲ ଆପ୍ ମାଧ୍ୟମରେ ଏହି ଇ-ପରିଚୟପତ୍ର ମିଳିପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ। ଫେବୃଆରୀ ମାସ ଏକ ତାରିଖରୁ ସମସ୍ତ ଭୋଟର ନିଜ ମୋବାଇଲରେ ଏହି ଇ-ପରିଚୟ ପତ୍ରକୁ ଡାଉନଲୋଡ ସହ ଆବଶ୍ୟକ ସମୟରେ ବ୍ୟବହାର କରିପାରିବେ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଓ ନିର୍ବାଚନ ଅଫିସର ମନୋଜ କାର୍ଜି ପ୍ରମୁଖ ଏଥିରେ ଯୋଗଦେଇ ଜାତୀୟ ମତଦାତା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଭୋଟର ତାଲିକା ପ୍ରସ୍ତୁତି ସହ ନିର୍ବାଚନ ପରିଚାଳନାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏଥିରେ ନିଜର ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ ମତାମତ ରଖିଥିଲେ।

# ସରକାରୀ ଆବାସ ଯୋଜନାରେ ବଂଚିତ ହିତାଧିକାରୀ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ନୀଳଗିରି ,୨୫/୧: ନୀଳଗିରି ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ତାଙ୍କ ପାଖରେ ପହଂଚିପାରୁ ନାହିଁ। ଏପରି ଏକ ଘଟଣା ଘଟିଛି ନୀଳଗିର ବ୍ଲକ ଅଧୀନ କେ.ସି.ପୁର ପଞ୍ଚାୟତରେ। ସରକାରଙ୍କ ପକ୍ଷରୁ ଆସୁଥିବା ଆବାସ ଯୋଜନା ରେ ଗରିବ ଜନସାଧାରଣ ବଂଚିତ ଥିବା ବହୁ ଗରିବ ହିତାଧିକାରୀମାନେ ଘର ଟିଏ ପାଇପାରୁ ନଥିବାରୁ ସେମାନଙ୍କ ଭିତରେ ଅସନ୍ତୋଷ ବଢିଚାଲିଛି। ଏହାକୁ ବିରୋଧ କରି ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡଙ୍ଗୀଙ୍କ ନେତୃତ୍ୱରେ ବଂଶୀଧର ବେହେରା, ସୁବାସିନୀ ପାତ୍ର, ଆରତି ମାରାଣ୍ଡି, ଶିବପ୍ରସାଦ ହାଂସଦା, ବୁଧିରାମ ମାଝୀ, ବାସନ୍ତୀ ସୋରେନ, ବନ ମାଝୀ, ସୁଦାମ ମାଝୀ, ରୂପା ସିଂ, ଦେବା ମାରାଣ୍ଡି, ଜୁଲି ଟୁଡୁ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ଦେଇଥିଲେ । ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନା ଏହାକୁ ତଦନ୍ତ କରି ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି ।

# ଅବକାରୀ ଚଢାଉରେ ବିପୁଳ ପରିମାଣରେ ଚୋରାମଦ ଜବତ୍ : ୨ ମହିଳାଙ୍କ ସହିତ ୬ ଗିରଫ

ଜଳେଶ୍ୱର, ୨୫/୧ (ନିପ୍ର) : ବାଲେଶ୍ୱର ଅବକାରୀ ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ୨ ମହିଳା ସମେତ ୬ଜଣଙ୍କୁ ଗିରଫ କରିବା ସହିତ ୧୦୦ ଲିଟର ଦେଶୀମଦ ଏବଂ ୮.୫ ଲି ବିଦେଶୀ ମଦ ଜବତ୍ କରାଯାଇଛି । ବିରିଶପୁର, ଅଗ୍ରଓ୍ୱଲା ଛକ, ଲକ୍ଷ୍ମଣନାଥ, କୁମାରଜାଲିନା, ଜଳେଶ୍ୱରପୁର, କୁଚିଲାଡଙ୍ଗର, ଜୟରାମପୁର, ଗୋବିନ୍ଦପୁର, ମାଛକଣ୍ଟା, ଆଉସାକୁମ୍ଭୀରଗଡି ପ୍ରଭୃତିସ୍ଥାନରେ ଚଢାଉ କରାଯାଇଥିଲା । ଏହି ଚଢାଉରେ ଓଆଇସି ଦେବେନ୍ଦ୍ର ବେହେରା, ଲକ୍ଷ୍ୟସାଧକ ପ୍ରଧାନ, କନେଷ୍ଟବଳ ଶଶୀଭୂଷଣ ସ୍ୱାଇଁ, ରାଜୀବ ଭଂଜ, ପିକି ମାରାଣ୍ଡି, ରାମଚନ୍ଦ୍ର ମହାନ୍ତି, ପ୍ରହଲ୍ଲାଦ ବିଶ୍ୱାଳଙ୍କ ସହିତ ଏପିଆର୍ ଫୋସ୍ ସାମିଲ ଥିବା ବେଳେ ରୀତା ଘଡେଇ, ଲିଲିମା ଟୁଡୁ, ଗୌତମ ଜେନା, ପିଣ୍ଟୁ ଜେନା, ମଧୁସୂଦନ ଜେନା, କଟି ଖଣ୍ଡା ପ୍ରମୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୫ଜାନୁଆରୀ- ରାଜ୍ୟରେ ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଏହା ସହ ରାଜ୍ୟରେ ମୋଟ ମୃତ୍ୟୁବରଣ କରିଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୧୯୦୬ ହୋଇଛି । ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣଙ୍କ ସୁନ୍ଦରଗଡ ଜିଲ୍ଲାର ।

# ପ୍ରତୀକାତ୍ମକ ଜଳେଶ୍ୱର ମହୋତ୍ସବ ଜାନୁଆରୀ ୨୮ରେ

ଜଳେଶ୍ୱର, ୨୫/୧ (ନିପ୍ର) : ଉତ୍ତର ବାଲେଶ୍ୱର ସୀମାନ୍ତ ଜଳେଶ୍ୱର ସହରରେ ପ୍ରତିବର୍ଷ ୯ଦିନ ଧରି 'ଜଳେଶ୍ୱର ମହୋତ୍ସବ' ବହୁ ଆଡମ୍ବରପୂର୍ଣ୍ଣଭାବେ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ କୋଭିଦ୍-୧୯ କଟକଣା ମଧ୍ୟରେ ଏହାକୁ ପ୍ରତିକାତ୍ମାକଭାବେ ପାଳନା କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଚଳିତବର୍ଷ ୧ ଦିନ ପାଇଁ ଆସନ୍ତା ୨୮ ତାରିଖରେ ଏହି ଉତ୍ସବ ପାଳନ କରାଯିବ ବୋଲି ଆଜି



ସୋମବାର ଅପରାହ୍ନରେ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଉକ୍ତଦିନ ସକାଳେ ଗଣଦୌଡ, ସଂଧ୍ୟାରେ କବିତା ପାଠୋତ୍ସବ, ଅଂଗଦାନ ସଂପର୍କରେ ସଚେତନ କାର୍ଯ୍ୟକ୍ରମ ସହିତ ସ୍ୱଳ୍ପ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟିର ସଭାପତି ଶିଶିର ହୁଇ, ସଂପାଦକ ଡ. ଅଜିତ୍ ମହାନ୍ତି, କୋଷାଧ୍ୟକ୍ଷ ନବେନ୍ଦୁ ପ୍ରଧାନ, ଗୋପାଳ ସାହୁ, ଦିଲ୍ଲିପ ଗିରି, ସତ୍ୟସୁନ୍ଦର ଦାସ, ସମୀର ପାତ୍ର, ଇଂ ରାମଚନ୍ଦ୍ର ସାହୁ, ମଧୁସୂଦନ ଦତ୍ତ, ପ୍ରମୋଦ ଅଗ୍ରଓ୍ୱାଲା, ସୁଶାନ୍ତ ଦାସ, ଗୋବିନ୍ଦ ସାହୁ, ଅମିତାଭ ପାତ୍ର, ସୁବ୍ରତ ରଣା ପ୍ରମୁଖ ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ପଡିଆରେ ସାଧାରଣ ତନ୍ତ୍ର ଦିବସ ୨୦୨୧ ପାଳନ କରାଯିବ ବୋଲି କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଥିଲେ।

# ନୀଳଗିରିର ଅଗ୍ରଣୀ କ୍ଲବ ଫ୍ୟାଟଲକ୍ସ କ୍ରିକେଟ ଖେଳରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ଯୋଗଦାନ

ନୀଳଗିରି ,୨୫/୧: ନୀଳଗିରି ଉପଖଣ୍ଡରେ ଅଗ୍ରଣୀ କ୍ଲବ ଫ୍ୟାଟ ଲକ୍ସ ପ୍ରିମିୟର ଲିଗ୍‌ରେ ଆଜି ୨ୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ନଗର ଉନ୍ନୟନ, ଆଇନ ବିଭାଗ ମନ୍ତ୍ରୀ ମାନ୍ୟବର ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ଉତ୍ତୋରତ୍ତୋର କାମନା କରିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ସାଂସଦ ତଥା ବାଲେଶ୍ୱର ବିଜେଡି ଜିଲ୍ଲା ସଭାପତି ଇଂ. ରବୀନ୍ଦ୍ର ଜେନା ଯୋଗ ଦେଇ ଖେଳାଳୀ ମାନଙ୍କୁ ହାରଜିତ କୁ ଭୁଲି ଖେଳାଳୀମାନେ ଖେଳୁଆଡ଼ ମନୋଭାବ ରଖି ଖେଳ ପ୍ରଦର୍ଶନ କଲେ ଜୀବନର ଦିନେ ବଡ଼ ଖେଳାଳୀ ହୋଇପାରିବେ । ଆଜି ମହାବୀର ସିକ୍ସର ଓ କେ.କେ.ଆର. ଫାଇଟର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବୀର ସିକ୍ସର ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି । ଜାନୁଆରୀ ୨୬ ତାରିଖରେ ଫାଇନାଲ ମ୍ୟାଚ୍ ମହାବୀର ସିକ୍ସର ଓ ୟୁନାଇଟେଡ ସୁପର ଇଲେଭେନ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ରଣଜୀ ଟ୍ରଫି ଖେଳାଳୀ ପ୍ରଭଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସମ୍ପାଦକ ସବ୍ୟସାଚୀ ମହାପାତ୍ର ସୂଚନା ଦେଇଛନ୍ତି ।

# ଧାମନଗରର ଜାତୀୟ ଭୋଟର ଦିବସ ପାଳିତ



ଧାମନଗର ତା ୨୫/୦୧: ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଧାମନଗର ଏନ୍‌ଏସି ଅନ୍ତର୍ଗତ ତାଳପଦା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଡ଼ିଓ ଦୁର୍ଗାଚରଣ ମୁର୍ମୁ, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ଜିପିଓ ମାନସ କୁମାର ଜେନା, ବିଏଲ୍‌ଓ ସୁପର ଭାଇଜର ଗଙ୍ଗାଧର ରାଉତ, ମନୋଜ କୁମାର ସିଂ, ହେମେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏଲ୍‌ଓ ଜାନକି ଲତା ଦାଶ, ପଦ୍ମାଳୟା ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଅନନ୍ତକେଶରୀ ଉପ୍ରା ଓ ଜୟନଗର ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଏଲ୍‌ଓ ସୁପର ଭାଇଜର ମନୋଜ କୁମର ଜେନା, ବିଏଲ୍‌ଓ ପଦ୍ମିନି ରାଉତ, ଜୟନ୍ତୀ ବେହେରା, କଳ୍ପନା ରାଉତ, ସେକ୍ ସଲିମ, କଳ୍ପନା ତ୍ରିପାଠୀ, ନିରୁପମା ବାରିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ଭୋଟର ମାନଙ୍କୁ ଏକ ସଂକଳ୍ପ ପତ୍ର ମାଧ୍ୟମରେ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ସହ ମୁକ୍ତ, ଅବାଧ ଓ ଶାନ୍ତି ପୂର୍ଣ୍ଣ ନିର୍ବାଚନରେ ଅଂଶ ଗ୍ରହଣ କରି କୌଣସି ପ୍ରଲୋଭନରେ ବସବର୍ତ୍ତୀ ନହେବାପାଇଁ ଶପଥ କରାଯିବା ସହ ଭୋଟ ପରିଚୟପତ୍ର ପ୍ରଦାନ-କରାଯାଇଥିଲା।

DADLS-75

ଓଡ଼ିଶା : ବିକାଶର ନୂଆ ପରିଭାଷା

ଓଡ଼ିଶା ସରକାର



- ରାଜ୍ୟରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ପାଇଁ ରାଜ୍ୟସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପ୍ରସ୍ତୁତି । ଟିକାକରଣରେ ଅପାର ସଫଳତା ।
- ସମସ୍ତ ରାଜ୍ୟବାସୀଙ୍କୁ ସାମଗ୍ରିକ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ "ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା" ମିଶନ ।
- ଲୋକାଭିମୁଖୀ ଲୋକସେବା ପାଇଁ ୧୦ଟି ବିଭାଗରେ ୧୦୦ଟି ଅନ୍‌ଲାଇନ୍ ଜନସେବା ଆରମ୍ଭ । ସରକାରୀ କାର୍ଯ୍ୟାଳୟକୁ ନଯାଇ ଘରେ ବସି ଜନସାଧାରଣ ବିଭିନ୍ନ ସରକାରୀ ସେବା ପାଇବା ପାଇଁ ସୁଯୋଗ ।
- ସଂପ୍ରତି ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ । କୋଭିଡ୍ ସମୟରେ ମଧ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ । ରପ୍ତାନି କ୍ଷେତ୍ରରେ ମଧ ୫୫ ପ୍ରତିଶତ ଅଭିବୃଦ୍ଧି ।
- ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଦେଶର ୧୦ଟି ରାଜ୍ୟ ଯେତିକି ଚାଉଳ ଯୋଗାଉଛନ୍ତି, ଆଜି ଆମ କଳାହାଣ୍ଡି ଜିଲ୍ଲା ଏକୁଟିଆ ସେତିକି ଚାଉଳ ଯୋଗାଇ ଦେଉଛି ।
- ମିଶନ ଶକ୍ତିରେ ସାମିଲ ରାଜ୍ୟର ୮୦ ଲକ୍ଷ ମହିଳା ଆଜି ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରୁଛନ୍ତି । ଆମେରିକା, ୟୁରୋପର ଡିପାର୍ଟମେଣ୍ଟାଲ ଷ୍ଟୋରରେ ଏଣିକି ବିକ୍ରି ହେବ ଓଡ଼ିଶା ସ୍ୱୟଂ ସହାୟକ ଗୋଷ୍ଠି ଉତ୍ପାଦିତ ସାମଗ୍ରୀ ।
- ପୁରୀକୁ ବିଶ୍ୱ ଐତିହ୍ୟ ନଗରୀରେ ପରିବର୍ତ୍ତିତ କରିବା ପାଇଁ 'ଶ୍ରୀଜଗନ୍ନାଥ ଐତିହ୍ୟ କରିଡର' ଓ 'ଅବଢ଼ା' ଯୋଜନା ।
- ୫'ଟି' କାର୍ଯ୍ୟକ୍ରମ ଅଧୀନରେ ଶ୍ରୀ ଲିଙ୍ଗରାଜ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଏକାମ୍ର ଯୋଜନା । ଖୁବ୍ ଶୀଘ୍ର ସମ୍ବଲପୁରର ପ୍ରସିଦ୍ଧ ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟ ଆରମ୍ଭ ।
- ରାଜ୍ୟରେ ଅଧିକ ସଂଖ୍ୟକ ମେଡିକାଲ କଲେଜ ସ୍ଥାପନ ସହ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହେବ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ।
- ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାଠାରେ ନିର୍ମାଣ ହେବ ଦେଶର ସର୍ବବୃହତ୍ ହକି ଷ୍ଟାଡ଼ିୟମ୍ । ସୁନ୍ଦରଗଡ଼ ଜିଲ୍ଲାର ପ୍ରତି ବ୍ଲକ୍‌ରେ ଆଷ୍ଟ୍ରୋଟର୍ଫ୍ ହକି ଖେଳ ପଡ଼ିଆ ।
- କେନ୍ଦୁପତ୍ର ତୋଳାଳୀ ଓ ଏଥିରେ ନିୟୋଜିତ ଅନ୍ୟାନ୍ୟ କର୍ମଚାରୀଙ୍କ କଲ୍ୟାଣାର୍ଥେ ୯୨.୩୭ କୋଟି ଟଙ୍କାର ବୋନସ୍ ଓ ଅନ୍ୟାନ୍ୟ ସହାୟତା ଘୋଷଣା ।
- 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ଭାବେ ଘୋଷଣା । ସ୍କୁଲ ପାଠ୍ୟକ୍ରମରେ ସ୍ଥାନିତ ହେବ 'ବନ୍ଦେ ଉତ୍କଳ ଜନନୀ' ।
- ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ନିମନ୍ତେ ପରୀକ୍ଷା ଫି' ଛାଡ । ଉପକୃତ ହେବେ ୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ।





କରୋନା କଟକଣା ମାନି ଚଳୁଥିବା, ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରଖୁଥିବା, ତେବେ ଆମେ ନିଜେ ସୁରକ୍ଷିତ ରହିବା ସହ ଆମ ରାଜ୍ୟ ତଥା ଦେଶକୁ କରୋନାମୁକ୍ତ ରଖିପାରିବା ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR : 15001/13/0120/2021

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo